# ବିପର୍ଯ୍ୟୟ ପ୍ରବନ୍ଧନ ଓ ସାମାଜିକ ନ୍ୟାୟର ସୁଚାରୁ ସମ୍ପାଦନ ସକାଶେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ କ୍ଷମତା ଓ ସମ୍ବଳ ହସ୍ତାନ୍ତର ପାଇଁ ସୁନିର୍ଦ୍ଦିଷ୍ଟ ପ୍ରସ୍ତାବମାନ

ଆମ ଦେଶରେ ଏକ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା (କେନ୍ଦ୍ର, ରାଜ୍ୟ ଓ ପଞ୍ଚାୟତିରାଜ) କାଏମ ଅଛି ବୋଲି କୁହାଯାଇଥାଏ । ବିଶେଷ କରି ସମ୍ବିଧାନର ୭୩ତମ ସଂଶୋଧନ ପରେ ଏହି ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସାକାର ରୂପ ନେଇଛି ବୋଲି ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଉପର ଦୁଇସ୍ତରର ଶାସନ-ସଂସ୍ଥାମାନେ ଯେଭଳି ସୁନିର୍ଦ୍ଦିଷ୍ଟ କ୍ଷମତା ଓ ସମ୍ବଳର ଅଧିକାରୀ ହୋଇ ସେଗୁଡ଼ିକୁ ପ୍ରୟୋଗ କରିଚାଲିଛନ୍ତି, ପଞ୍ଚାୟତିରାଜ ସଂସ୍ଥାମାନେ (ଜିଲ୍ଲାପରିଷଦ ଠାରୁ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ) ସେଭଳି ସୁନିର୍ଦ୍ଦିଷ୍ଟ କ୍ଷମତା ଓ ସମ୍ବଳର ଅଧିକାରୀ ହୋଇପାରି ନାହାନ୍ତି, ଏବଂ ଏହାର ପରିଣତି ସ୍ୱରୂପ ସେମାନେ ନିଜ ନିଜ ପରିସରରେ ଥିବା ଜନସାଧାରଣଙ୍କ ପ୍ରତି ଯେଉଁସବୁ କର୍ତ୍ତବ୍ୟ ସମ୍ପାଦନ କରିବା କଥା, ତାହାସବୁ କରିପାରୁ ନାହାନ୍ତି । ସୁତରାଂ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ପ୍ରକୃତ ଅର୍ଥରେ ସ୍ୱୟଂଶାସିତ କରିବାପାଇଁ ଓ ସେମାନଙ୍କଠାରୁ ଆଶା କରାଯାଉଥିବା ଭୂମିକା ଓ ଦାୟିତ୍ୱର ଯଥାର୍ଥ ପରିପାଳନ ନିମନ୍ତେ ସେମାନଙ୍କୁ ସକ୍ଷମ କରିବା ପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାପାରରେ ପ୍ରଶାସନିକ କର୍ତ୍ତୃତ୍ୱ ଓ ସମ୍ବଳ-ପରିଚାଳନାର କ୍ଷମତା ହସ୍ତାନ୍ତର କରିବାର ଜରୁରୀ ଆବଶ୍ୟକତା ରହିଛି । ଉପରୋକ୍ତ ଦୃଷ୍ଟିଭଙ୍ଗୀକୁ ଆଖି ଆଗରେ ରଖି ରାଜ୍ୟରେ କେତେକ ପ୍ରାନ୍ତରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଗଣ ସଂଗଠନମାନଙ୍କୁ ଜଡ଼ିତ କରି 'କାସା' ସହାୟତାରେ ଚିନ୍ତନ ଶିବିର ଓ ଜନସମାବେଶ ପ୍ରଭୃତି କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକରେ ପଞ୍ଚାୟତିରାଜ କର୍ମକର୍ତ୍ତାଙ୍କ ସମେତ ସମାଜର ସଚେତନ ଗୋଷ୍ଠୀ ଯଥା - ଶିକ୍ଷକ, ସାମ୍ବାଦିକ, ସ୍ୱୟଂସହାୟକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମୀ, ସମବାୟ ସମିତି କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଜଡ଼ିତ କରା ଯାଇପାରିଛି । ପ୍ରତି ସ୍ଥାନରେ ସେଠିକାର ସ୍ୱତନ୍ତ୍ର ସମସ୍ୟାଗୁଡ଼ିକୁ ଆଖି ଆଗରେ ରଖି ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ସଶକ୍ତୀକରଣର ଅଲଗା ଅଲଗା କର୍ମଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ସର୍ବୋପରି ସରକାର ଓ ପ୍ରଶାସନକୁ ଜଣାଇବା ପାଇଁ ଅଲଗା ଅଲଗା ସ୍ମାରକପତ୍ର ପ୍ରସ୍ତୁତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିମ୍ନୋକ୍ତ କାର୍ଯ୍ୟ ସୂଚୀ ମତେ ରାଜ୍ୟରେ ୪ଟି ପ୍ରମୁଖ ସ୍ଥାନରେ ଏହି ପ୍ରସଙ୍ଗରେ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା ଓ ସେଠାରେ ସର୍ବସମ୍ମତି କ୍ରମେ ଅଲଗା ଅଲଗା ସ୍ମାରକପତ୍ର ମଧ୍ୟ ପ୍ରସ୍ତୁତ ହୋଇଥିଲା ।

| | | | | |
|---|---|---|---|---|
| ୧ - ଖୋର୍ଦ୍ଧା | - | ଖୋର୍ଦ୍ଧା ଆକ୍ସନ ଫୋରମ୍ | - | ୨୦/୦୪/୨୦୦୬ |
| ୨ - କଣାସ, ପୁରୀ | - | ପୁରୀ ଡିଷ୍ଟ୍ରିକ୍ଟ ଆକ୍ସନ୍ ଗ୍ରୁପ୍ | - | ୨୭/୦୪/୨୦୦୬ |
| ୩ - କେନ୍ଦ୍ରାପଡ଼ା | - | କେନ୍ଦ୍ରାପଡ଼ା ଜିଲ୍ଲା ଆକ୍ସନ ଫୋରମ୍ | - | ୧୫/୫/୨୦୦୬ |
| ୪ - ଭବାନୀପାଟଣା,କଳାହାଣ୍ଡି | - | କଳାହାଣ୍ଡି ଆକ୍ସନ୍ ଗ୍ରୁପ୍ | - | ୪/୦୬/୨୦୦୬ |

ଉପରୋକ୍ତ ୪ଟି ସ୍ମାରକପତ୍ରର ସାଧାରଣ ନିର୍ଯ୍ୟାସକୁ ନିମ୍ନରେ ପ୍ରଦାନ କରାଯାଉଛି ।

**୧- ବିପର୍ଯ୍ୟୟ ପ୍ରବନ୍ଧନ :**

(୧) ବିପର୍ଯ୍ୟୟ ଜନିତ ଆସନ୍ନ ବିପଦର ପ୍ରତିକାର ନିମନ୍ତେ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମକୁ ନିୟମିତ ଚଳାଇ ରଖିବା ସକାଶେ ଗ୍ରାମପଞ୍ଚାୟତକୁ କ୍ଷମତା ଓ ସମ୍ବଳ ପ୍ରଦାନ କରାଯିବା ଉଚିତ୍ ।

(୨) ବିପର୍ଯ୍ୟୟ ଯୋଗୁଁ ସ୍ଥାନୀୟ ଇଲାକାରେ ଶସ୍ୟ ଏବଂ ସମୂହ ସମ୍ପଦ ପ୍ରତି ଘଟୁଥିବା କ୍ଷୟକ୍ଷତିର ଆକଳନ ଓ ସର୍ବେକ୍ଷଣ ପାଇଁ ଗ୍ରାମ ପଞ୍ଚାୟତକୁ କ୍ଷମତା ଓ କର୍ତ୍ତୃତ୍ୱ ପ୍ରଦାନ କରାଯାଉ ।

(୩) ବିପର୍ଯ୍ୟୟ ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ସ୍ୱଳ୍ପକାଳୀନ ରିଲିଫ ଓ ଦୀର୍ଘକାଳୀନ ଥଇଥାନ ପାଇଁ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ପରିଚାଳନା ଦାୟିତ୍ୱ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଉ ।

(୪) ବିପର୍ଯ୍ୟୟ ପ୍ରବନ୍ଧନର ଆପଦକାଳୀନ ଯୋଜନାର ପ୍ରସ୍ତୁତି ଓ ସମୟାନୁସାରେ ଏହାର ସଦ୍ୟୀକରଣର ଦାୟିତ୍ୱ ପଞ୍ଚାୟତକୁ ଦିଆଯିବା ଦରକାର ।

(୫) ଏକ ବିପର୍ଯ୍ୟୟ ପରିପ୍ରେକ୍ଷିରେ ଆବଶ୍ୟକ ପଡୁଥିବା ଜରୁରୀକାଳୀନ ଉପକରଣ ଯଥା - ଡଙ୍ଗା ଓ ଗାଡ଼ି ଆଦିକୁ ଯୋଗାଡ଼ କରିବାର କ୍ଷମତା ଗ୍ରାମ ପଞ୍ଚାୟତ ହାତରେ ନ୍ୟସ୍ତ ରହିବା ଦରକାର ।

(୬) ବିପର୍ଯ୍ୟୟ ଉପଦ୍ରୁତ ଅଞ୍ଚଳ ଓ ଲୋକମାନଙ୍କ ପାଇଁ ତତ୍କାଳ ସାହାଯ୍ୟ ପ୍ରଦାନ କରିବା ସକାଶେ ଗ୍ରାମ ପଞ୍ଚାୟତ ପାଖରେ ଏକ ଜରୁରୀ ପାଣ୍ଠି ରହିଥିବା ବିଧେୟ ।

(୭) ମରୁଡ଼ି ଘୋଷଣା କ୍ଷେତ୍ରରେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ବ୍ଲକ୍‌କୁ ଏକକ ଭାବରେ ଗ୍ରହଣ କରାଯାଇଛି । କିନ୍ତୁ ବ୍ଲକ୍ ପରିବର୍ତ୍ତେ ପଞ୍ଚାୟତକୁ ଏକକ ଭାବେ ଧରାଯାଉ ।

(୮) ପାରମ୍ପରିକ ଜଳ ଅମଳ ବ୍ୟବସ୍ଥା ସମେତ ସମସ୍ତ ଜଳସମ୍ପଦର ପୁନରୁଦ୍ଧାର ଓ ପରିଚାଳନା ଦାୟିତ୍ୱ ପଞ୍ଚାୟତ ହାତରେ ରଖାଯାଉ ।

(୯) ନିଜ ଇଲାକାରେ ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ହେପାଜତ ଓ ତଦାରଖ କରିବାର ଅଧିକାର ଗ୍ରାମପଞ୍ଚାୟତକୁ ଦିଆଯାଉ ।

(୧୦) ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ବିପର୍ଯ୍ୟୟ ଆଶ୍ରୟସ୍ଥଳୀ ରହିବା ଦରକାର ଏବଂ ଏହାର ପରିଚାଳନା ଗ୍ରାମପଞ୍ଚାୟତ ପାଖରେ ନ୍ୟସ୍ତ ରହିବ । ବିପର୍ଯ୍ୟୟ ସମୟରେ ଏହା ନିରାଶ୍ରୟଙ୍କୁ ଆଶ୍ରୟ ଦେବ ଏବଂ ଅନ୍ୟ ସାଧାରଣ ସମୟରେ ଏହା ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, ଗ୍ରାମ ସଭା ଏବଂ ତଦୃଶ ସମୂହ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ।

**୨. ବିପର୍ଯ୍ୟୟର ସଂଜ୍ଞାକୁ ପରିବର୍ଦ୍ଧନ କରାଯାଇ ଲଘୁ ବନଜାତ ଦ୍ରବ୍ୟ ଏବଂ ଦାନାଜାତୀୟ ଶସ୍ୟର ସଂକଟକୁ ଏହା ଭିତରେ ଅନ୍ତର୍ଭୁକ୍ତ କରାଯାଉ -**

ସମସ୍ତେ ଜାଣନ୍ତି ଯେ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବ୍ୟାପକ ଜନସଂଖ୍ୟା, ବିଶେଷକରି ଅନୁସୂଚିତ ଜନଜାତି ଓ ଜାତିର ଲୋକେ କେବଳ ବଞ୍ଚି ରହିବା ପାଇଁ ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟ ଓ ଦାନାଜାତୀୟ ଶସ୍ୟ ଉପରେ ନିର୍ଭର କରିଥାନ୍ତି । ଏଗୁଡ଼ିକୁ ପାହାଡ଼ ପର୍ବତ ଓ ଜଙ୍ଗଲ ଅଞ୍ଚଳରେ ଲୋକେ ମାଗଣାରେ ପାଇଥାନ୍ତି ବା ସ୍ୱଳ୍ପ ଶ୍ରମ ଓ ବ୍ୟୟରେ ଫଳେଇଥାନ୍ତି । ବିଭିନ୍ନ କାରଣ ଯୋଗୁଁ ମଝିରେ ମଝିରେ ଏସବୁର ସଂଗ୍ରହ ଓ ଉତ୍ପାଦନରେ ଘୋର ଅଭାବ ଦେଖାଦେଇଥାଏ ଏବଂ ପରିଣାମତଃ ସ୍ଥାନୀୟ ଲୋକେ ମାସମାସ ଧରି ନାହିଁ ନଥିବା ହଇରାଣ ଭୋଗିଥାନ୍ତି । ଯେହେତୁ ସେମାନେ ବିକଳ୍ପ ଖାଦ୍ୟଶସ୍ୟ ଓ ଅର୍ଥକାରୀ ଫସଲ ଉତ୍ପାଦନରେ ଅଭ୍ୟସ୍ତ ନୁହନ୍ତି, ତେଣୁ ସେମାନଙ୍କର ଦୁର୍ଦ୍ଦଶା ବହୁଗୁଣିତ ହୋଇଥାଏ । କିନ୍ତୁ ଲଘୁ ବନଜାତୀୟ ଦ୍ରବ୍ୟ ବା ଦାନାଜାତୀୟ ଶସ୍ୟର ସଂକଟକୁ ଓଡ଼ିଶା ରିଲିଫ୍ କୋଡ୍ ୧୯୮୦ର ପାରା ୪ (ପ୍ରାକୃତିକ ବିପର୍ଯ୍ୟୟର ବର୍ଗୀକରଣ)ରେ ପ୍ରଦତ୍ତ ବିପର୍ଯ୍ୟୟର ସଂଜ୍ଞା ଭିତରେ ଅର୍ନ୍ତଭୁକ୍ତ କରାଯାଇନାହିଁ ।

ଏହି କୋଡ୍‌ରେ କେବଳ ମରୁଡ଼ି, ବନ୍ୟା, ବାତ୍ୟା ଏବଂ ସାମୁଦ୍ରିକ ଜୁଆର, ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ ଇତ୍ୟାଦିକୁ ବିପର୍ଯ୍ୟୟର ଦୃଷ୍ଟାନ୍ତ ରୂପେ ଦର୍ଶାଯାଇଛି । ସମସ୍ତେ ଜାଣନ୍ତି ଯେ, ବର୍ତ୍ତମାନ ଥିବା ଓଡ଼ିଶା ରିଲିଫ୍ କୋଡ୍ ସୁଦୂର ୧୯୦୧ରେ ପ୍ରସ୍ତୁତ ହୋଇଥିବା ଔପନିବେଶିକ ଦୁର୍ଭିକ୍ଷ କୋଡ୍‌ର ଅନୁଛାୟାରେ ତିଆରି ହୋଇଛି । ଏହା ସୁବିଦିତ ଯେ, ସେହି କୋଡ୍‌ଟି ସ୍ୱାଭାବିକ କାରଣରୁ ଓଡ଼ିଶାର ଉପକୂଳୀୟ ଅଞ୍ଚଳର ପ୍ରମୁଖ ଜନଗୋଷ୍ଠିର ସମସ୍ୟାକୁ ମାନ୍ୟତା ଦେଇ ରାଜ୍ୟର ପଛୁଆ ଆଦିବାସୀ ଓ ଗିରିଜନମାନଙ୍କ ସମସ୍ୟାକୁ ଉପେକ୍ଷା କରିଥିଲା । ବିପର୍ଯ୍ୟୟ ସମ୍ବନ୍ଧରେ ଏହି ସଂକୁଚିତ ଧାରଣା ବର୍ତ୍ତମାନର ପ୍ରଶାସନିକ ଦୃଷ୍ଟିଭଙ୍ଗୀକୁ ଏବେ ବି ଆଚ୍ଛନ୍ନ କରିରଖିଛି, ଯାହା ଫଳରେ କି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜନସମୂହ ଲଘୁ ବନଜାତ

ଦ୍ରବ୍ୟ କି ଦାନାଜାତୀୟ ଖାଦ୍ୟଶସ୍ୟର ଅଭାବ ଯୋଗୁଁ ମଝିରେ ମଝିରେ ମାସ ମାସ ଧରି ଘୋର ସଂକଟର ସମ୍ମୁଖୀନ ହେଉଥିଲେ ହେଁ, ସେମାନଙ୍କ ପାଇଁ କୌଣସି ରିଲିଫ୍ କିମ୍ବା ଥଇଥାନର କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ସରକାରୀ ଚିନ୍ତନ-ବଳୟକୁ ସ୍ପର୍ଶ କରିପାରିନି ।

***ସୁତରାଂ, ବର୍ତ୍ତମାନ ଯେତେବେଳେ ପୁରାତନ ରିଲିଫ୍ କୋଡ୍ ବଦଳରେ ଏକ ନୂତନ ସାମଗ୍ରୀକ ବିପର୍ଯ୍ୟୟ ପ୍ରବନ୍ଧନ ନୀତିର ପ୍ରଚଳନ ପାଇଁ ଉଦ୍ୟମ ଚାଲିଛି, ସେତେବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜନସମୂହ ମଝିରେ ମଝିରେ ସମ୍ମୁଖୀନ ହେଉଥିବା ଲଘୁ ବନଜାତ ଦ୍ରବ୍ୟ ଓ ଦାନାଜାତୀୟ ଖାଦ୍ୟ ସଂପଦର ସଂକଟକୁ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରାଯିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ଏତାଦୃଶ ସଂକଟର ପ୍ରଶମନ ପାଇଁ ବିଭିନ୍ନ ପ୍ରକାର ରିଲିଫ୍, ପୁନଃସଂସ୍ଥାନ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମମାନ ଅବିଳମ୍ବେ ଚାଲୁ କରିବା ଆବଶ୍ୟକ ।***

**୩. ପଲ୍ଲୀସଭାର ସାଂଗଠିକ ପୁନର୍ନିର୍ମାଣ :**

ଏହା ଏକ ବିଡ଼ମ୍ବନା ଯେ, ପଲ୍ଲୀସଭା ଯାହାକି ଗ୍ରାମସଭାର ପ୍ରକୃତ ଓ ବାସ୍ତବ ଭିତ୍ତିଭୂମି - ତହିଁର ନିଜସ୍ୱ କୌଣସି ଗଠନ-ଢାଞ୍ଚା ନାହିଁ, କିମ୍ବା ନିଜର ନିଷ୍ପତ୍ତିକୁ ବଳବତ୍ତର କରାଇବା ପାଇଁ କୌଣସି ବୈଧାନିକ ବ୍ୟବସ୍ଥା ନାହିଁ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ***ଧାର ୬(୬)*** ଅନୁଯାୟୀ ପ୍ରତିବର୍ଷ ଫେବୃଆରୀ ମାସରେ ପଲ୍ଲୀସଭାର ବୈଠକ ଅନୁଷ୍ଠିତ ହେବ ଏବଂ ଏଥିରେ ଗ୍ରାମପଞ୍ଚାତକୁ ନିମ୍ନୋକ୍ତ ବିଷୟରେ ସୁପାରିଶ କରାଯିବ : (କ) ପରବର୍ତ୍ତୀ ବର୍ଷ ପାଇଁ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଓ କାର୍ଯ୍ୟକ୍ରମ ଓ (ଖ) ଗ୍ରାମପଞ୍ଚାୟତ ତରଫରୁ ପ୍ରସ୍ତାବିତ ହୋଇଥିବା ବାର୍ଷିକ ବ୍ୟୟବରାଦ ଉପରେ ନିଜର ମତ । ଏଥିରୁ ପଲ୍ଲୀସଭା ବୈଠକର ବିଶାଳ ତାତ୍ପର୍ଯ୍ୟ ସହଜେ ଅନୁମେୟ । ପୁଣି ***ଧାର ୬(୨)*** ରେ କୁହାଯାଇଛି ଯେ, ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୦ ଅନୁଯାୟୀ ବିଧାନସଭା ନିର୍ବାଚନ ପାଇଁ ଭୋଟର୍ ବୋଲି ବିବେଚିତ ହେଉଥିବା ଯେତେସବୁ ଲୋକ ଗୋଟିଏ ପଲ୍ଲୀସଭାର ପରିସରରେ ବାସ କରୁଥିବେ, ସେମାନଙ୍କୁ ନେଇ ପଲ୍ଲୀସଭା ଗଠିତ ହେବ । କିନ୍ତୁ ଏହା ବିସ୍ମୟକର ଯେ, ସେହି ଆଇନ୍‌ରେ କେଉଠିଁ ହେଲେ କେତେ ସର୍ବନିମ୍ନ ଉପସ୍ଥାନ ବା କୋରମ୍ ପଲ୍ଲୀସଭାର ବୈଠକ ପାଇଁ ଅନିବାର୍ଯ୍ୟ, ତାହା ଦର୍ଶାଯାଇ ନାହିଁ, ବରଂ ଧାରା *୬*(୫)ରେ କୁହାଯାଇଛି ଯେ, ପଲ୍ଲୀସଭା ବୈଠକରେ ଯେତେଜଣ ବ୍ୟକ୍ତି ଉପସ୍ଥିତ ଥିବେ, ସେମାନଙ୍କୁ ହିଁ କୋରମ୍ ବୋଲି ଧରି ନିଆଯିବ । ଉପସ୍ଥାନକୁ ନେଇ କୌଣସି ଆଇନ୍‌ଗତ ବାଧ୍ୟତା ନଥିବାରୁ ତଥା ଅନ୍ୟାନ୍ୟ କେତେକ ନକାରାତ୍ମକ କାରଣ ଯୋଗୁଁ ସାଧାରଣ ଗ୍ରାମବାସୀମାନେ ପଲ୍ଲୀସଭା ବୈଠକରେ ଯୋଗ ଦେବାର ତାଗିଦ୍ ଅନୁଭବ କରିନଥାନ୍ତି ଓ ଅନ୍ୟପକ୍ଷରେ ପଞ୍ଚାୟତର ସମ୍ପୃକ୍ତ ନେତୃବୃନ୍ଦ କିମ୍ବା ସରକାରୀ କର୍ମଚାରୀମାନେ ପଲ୍ଲୀସଭା

ବୈଠକରେ ଯଥାସମ୍ଭବ ଅଧିକ ଗ୍ରାମବାସୀଙ୍କ ଯୋଗଦାନ ପାଇଁ ଚେଷ୍ଟା କରିବା ସକାଶେ କୌଣସି ବାଧ୍ୟକତା ମଧ୍ୟ ଅନୁଭବ କରିନଥାନ୍ତି । ଏହାର ଫଳସ୍ୱରୁପ ଗ୍ରାମବାସୀ ଓ ଗ୍ରାମର ବହୁ ଗୁରୁତର ସମସ୍ୟା ସମ୍ବନ୍ଧରେ ନ୍ୟସ୍ତ ସ୍ୱାର୍ଥ ଥିବା ଅଳ୍ପ କିଛି ଲୋକ ପଲ୍ଲୀସଭା ନାଁରେ ମନମୁଖୀ ଭାବେ ନିଷ୍ପତ୍ତି ନେଇଥାନ୍ତି ଏବଂ ଗାଁର ବାକୀଲୋକେ ଏସବୁ ବିଷୟରେ କିଛି ଜାଣିନଥାନ୍ତି । ଯଦି ପଞ୍ଚାୟତିରାଜର ମୂଳପିଣ୍ଡ ପଲ୍ଲୀସଭାର ସ୍ଥିତି ଏପରି ଦୁର୍ବଳ ଓ ଦୋଳାୟମାନ, ତେବେ ସମଗ୍ର ବ୍ୟବସ୍ଥାଟି ଦିନେ ନା ଦିନେ ଭୁଷୁଡ଼ି ପଡ଼ିବାକୁ ବାଧ୍ୟ । ସମ୍ପ୍ରତି ପଞ୍ଚାୟତୀ ବ୍ୟବସ୍ଥାର ବିଭିନ୍ନ ସ୍ତରରେ ଦେଖାଯାଉଥିବା ବିଶୃଙ୍ଖଳା ଓ ଅରାଜକତା ଏହି ବିଘଟନ ପ୍ରକ୍ରିୟାର ଏକ ଅଶୁଭ ଲକ୍ଷଣ ମାତ୍ର ।

***ସୁତରାଂ ଓଡ଼ିଶା ଗ୍ରାମପଞ୍ଚାତ ଆଇନ୍ ୧୯୬୫ର ଧାରା ୬ କୁ ସଂଶୋଧନ କରାଯାଇ ପଲ୍ଲୀସଭାର ପ୍ରତି ବୈଠକ ପାଇଁ ମୋଟ ସଭ୍ୟସଂଖ୍ୟାର ଶତକଡ଼ା ୫୦ର ଯୋଗଦାନକୁ କୋରମ୍ ବୋଲି ଘୋଷଣା କରାଯାଉ, ତଥା ଏହି କୋରମ୍‌କୁ ପ୍ରତିବୈଠକରେ ସୁନିଶ୍ଚିତ କରିବାର ଦାୟିତ୍ୱ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କ ଉପରେ ନ୍ୟସ୍ତ କରାଯାଉ ।***

## ୪. ଗ୍ରାମସଭା ବୈଠକରେ କୋରମ୍ ଓ ମହିଳାମାନଙ୍କ ଅଂଶଗ୍ରହଣ -

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଧାରା ୫(୨ଏ) ଅନୁଯାୟୀ ଗୋଟିଏ ଗ୍ରାମସଭା ବୈଠକର କୋରମ୍ ସମ୍ପୃକ୍ତ ଗ୍ରାମଶାସନର ମୋଟ ସଭ୍ୟସଂଖ୍ୟାର ଏକଦଶମାଂଶ ରଖାଯାଇଛି । ଏହାର ଫଳଶୃତି ରୂପେ ଯେଉଁ ସବୁ କେଳଙ୍କାରି ଘଟୁଛି ତାହା ସମସ୍ତଙ୍କୁ ଜଣା । ନ୍ୟସ୍ତସ୍ୱାର୍ଥ ଥିବା ମୁଷ୍ଟିମେୟ ଲୋକ ନିଜ ଭିତରେ ପେଞ୍ଚପାଞ୍ଚ କରି ଯାହାକିଛି ସ୍ଥିର କରୁଛନ୍ତି, ତାହାକୁ ଗ୍ରାମସଭାର ବା ପଲ୍ଲୀସଭାର ପ୍ରସ୍ତାବ ବୋଲି ଗ୍ରହଣ କରି ନିଆଯାଉଛି । ଏହାଦ୍ୱାରା ଗ୍ରାମ ସଭା ପଛରେ ଥିବା ମୂଳ ଦର୍ଶନ ବ୍ୟର୍ଥ ହୋଇପଡୁଛି ।

ଦ୍ୱିତୀୟତଃ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଧାରା ୪(୧) ଅନୁଯାୟୀ ସ୍ତ୍ରୀ ଓ ପୁରୁଷ ନିର୍ବିଶେଷରେ ପ୍ରତି ବୟସ୍କ ବ୍ୟକ୍ତି ଯେକି ଲୋକ ପ୍ରତିନିଧି ଆଇନ୍ ୧୯୫୦ ଅନୁଯାୟୀ ଜଣେ ଭୋଟର ହେବା ପାଇଁ ଯୋଗ୍ୟ, ସେ ଯଥାସ୍ଥିତି ଗ୍ରାମସଭା ଓ ପଲ୍ଲିସଭାର ବୈଠକରେ ଯୋଗ ଦେବାକୁ ହକ୍‌ଦାର । ଏହିସବୁ ବୈଠକରେ ଯୋଗଦାନ କ୍ଷେତ୍ରରେ କୋରମ୍ ସ୍ଥିର କଲାବେଳେ ୧୯୬୫ ଆଇନ୍‌ରେ ମହିଳାମାନଙ୍କ ଅଂଶ ଗ୍ରହଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏହା ସମସ୍ତେ ଜାଣିଥିବେ ଯେ, ଆମର ପୁରୁଷ ପ୍ରଧାନ ସମାଜରେ ଅଳ୍ପକେତେକ ଅଞ୍ଚଳକୁ ବାଦ୍‌ଦେଲେ ସବୁଠି ମହିଳାମାନେ ସାଧାରଣତଃ ଗ୍ରାମସଭା କି ପଲ୍ଲିସଭା ବୈଠକରେ ଯୋଗ ଦେଇନଥାନ୍ତି, ଯାହାଫଳରେ ବୈଠକରେ ଉପସ୍ଥିତ ଥିବା କେବଳ ପୁରୁଷମାନେ ହିଁ ସାରା ଗ୍ରାମପାଇଁ

ସମସ୍ତ ନିଷ୍ପତ୍ତି ନେଇଥାନ୍ତି, ଏପରିକି ମହିଳାମାନଙ୍କ ସ୍ୱାର୍ଥ ସହ ଜଡ଼ିତ ବ୍ୟାପର ଗୁଡ଼ିକ ସମ୍ବନ୍ଧରେ ମଧ୍ୟ ସେହି ପୁରୁଷମାନେ ହିଁ ନିଷ୍ପତ୍ତି ନେଇଥାନ୍ତି । ପ୍ରତ୍ୟକ୍ଷ ଗଣତନ୍ତ୍ର ଉପରେ ଆଧାରିତ ଏବଂ ଆମ ଶାସନ ବ୍ୟବସ୍ଥାର ମୂଳପିଣ୍ଡ ଗ୍ରାମସଭା ଓ ପଲ୍ଲିସଭାର ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟାରେ ଏତାଦୃଶ ଲିଙ୍ଗ ବୈଷମ୍ୟକୁ ବଜାୟ ରଖିବାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ସାମ୍ପ୍ରତିକ ବ୍ୟବସ୍ଥାମାନ ସହାୟକ ହେଉଛି । ସୁତରାଂ ବର୍ତ୍ତମାନ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫କୁ ଯଥାସ୍ଥାନରେ ସଂଶୋଧନ କରି,

***(କ) ପଲ୍ଲିସଭା ଓ ଗ୍ରାମସଭା, ପ୍ରତ୍ୟେକର ବୈଠକରେ ଯୋଗଦାନର କୋରମ୍‌କୁ ମୋଟ୍ ସଭ୍ୟସଂଖ୍ୟାର ଶତକଡ଼ା ୫୦କୁ ବୃଦ୍ଧି କରାଯାଉ ।***

***(ଖ) ଯଥାସ୍ଥିତି ଗ୍ରାମସଭା କି ପଲ୍ଲୀସଭାର ବୈଠକରେ ଯୋଗଦାନ କରୁଥିବା ମୋଟ ସଭ୍ୟସଂଖ୍ୟାର ଶତକଡ଼ା ୫୦ ବ୍ୟକ୍ତି ମହିଳା ହୋଇଥିବେ ବୋଲି ବ୍ୟବସ୍ଥା କରାଯାଉ ।***

**୫. ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍-୧୯୬୫ର ଯଥାର୍ଥ କାର୍ଯ୍ୟକାରିତା -**

**କ) ଅବଶ୍ୟକରଣୀୟ କାର୍ଯ୍ୟ :** ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଭାଗ-୬ ଅଧୀନସ୍ଥ ଧାରା ୪୪ (ଗ୍ରାମପଞ୍ଚାୟତ କ୍ଷମତା, ଦାୟିତ୍ୱ ଓ କାର୍ଯ୍ୟମାନ)ରେ ଗ୍ରାମପଞ୍ଚାୟତର ୩୦ଟି ଆବଶ୍ୟକରଣୀୟ କାର୍ଯ୍ୟ ('ଏ'ରୁ ଜେଡ୍‌୪ ଯାଏଁ)ର ଅବତାରଣା କରାଯାଇଛି, ଯେଉଁ ଗୁଡ଼ିକ ମଧ୍ୟରେ ଅଛି ସର୍ବସାଧାରଣ ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ, ବେଆଇନ୍ ଜବରଦଖଲର ଅପସାରଣ, ଜଳନିଷ୍କାସନ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆବର୍ଜନା ଓ ପ୍ରଦୂଷଣକାରୀ ବସ୍ତୁଗୁଡ଼ିକୁ ପରିଷ୍କାର ଓ ନିକାଶ, ମହାମାରୀ ପ୍ରବନ୍ଧନ, ଆକ୍ରାମକ ଓ ବିପଜ୍ଜନକ ପେଷା-ଉଦ୍ୟୋଗ ଗୁଡ଼ିକୁ କାବୁ ଓ ନିୟନ୍ତ୍ରଣ କରିବା, ସର୍ବସାଧାରଣ ଦ୍ୱାରା ବ୍ୟବହୃତ ଗୋଚର ଓ ଅନ୍ୟ ଜମିଗୁଡ଼ିକର ପ୍ରବନ୍ଧନ, ମୃତ୍ତିକା ସଂରକ୍ଷଣ ପାଇଁ ନିଆଯାଇଥିବା କାର୍ଯ୍ୟଗୁଡ଼ିକର ଜଗାରଖା, ମେଳା, ଉତ୍ସବ, ବଜାର ଓ ମୋଟର ଷ୍ଟାଣ୍ଡ ଗୁଡ଼ିକର ନିୟନ୍ତ୍ରଣ, କୃଷି, ଲଘୁବନଜାତ ଦ୍ରବ୍ୟ, କ୍ଷୁଦ୍ରଶିଳ୍ପ, ଗ୍ରାମ୍ୟ ଗୃହନିର୍ମାଣ, ଦାରିଦ୍ର୍ୟ ଦୂରୀକରଣ, ମହିଳା ଓ ଶିଶୁ କଲ୍ୟାଣ ଓ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ଉଦ୍ଦେଶ୍ୟରେ ବିଭିନ୍ନ ସ୍କିମ୍‌ଗୁଡ଼ିକର ପରିଚାଳନା, ତଥା ସର୍ବୋପରି ଗୋଷ୍ଠୀ ସମ୍ପଦ ସମୂହର ରକ୍ଷଣାବେକ୍ଷଣ ।

**ଖ) ଇଚ୍ଛାଧୀନ କାର୍ଯ୍ୟ :** ଧାରା ୪୫ (ଇଚ୍ଛାଧୀନ କାର୍ଯ୍ୟମାନ)ରେ ୨୫ଟି ବିଷୟର ତାଲିକା ସୂଚିତ ହୋଇଛି, ଯେଉଁଗୁଡ଼ିକ ଉପରେ ଗୋଟିଏ ଗ୍ରାମପଞ୍ଚାୟତ ଚାହିଁଲେ ନିଜର ନିୟନ୍ତ୍ରଣ

ଜାରି କରିପାରିବ । ଏହି ତାଲିକା ଭିତରେ ଅଛି - ଗ୍ରାମ ଜଙ୍ଗଲର ରକ୍ଷଣାବେକ୍ଷଣ, ପଶୁଚିକିତ୍ସାଳୟ, କଂସେଇ ଖାନା, ପତିତ ଜମିର ପୁନରୁଦ୍ଧାର ଓ ଅନୁର୍ବର ଜମିରେ ଚାଷ, ଗ୍ରାମ ସମବାୟ ସମିତି, ବିପର୍ଯ୍ୟୟ ରିଲିଫ୍, ପାଠାଗାର ପରିଚାଳନା, ମନୋରଞ୍ଜନ, କ୍ରୀଡ଼ା ଓ ଆମୋଦ ପ୍ରମୋଦ ବ୍ୟବସ୍ଥା, ଅଗ୍ନିଶମ ସେବା, ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ର, ଶସ୍ୟଗୋଲା ପ୍ରବନ୍ଧନ, ଲାଭକାରୀ କୁଟୀର ଶିଳ୍ପ ଓ ବ୍ୟବସାୟିକ ଉଦ୍ୟୋଗ ସମୂହ, ଧର୍ମଶାଳା ଓ ଅତିଥିଶାଳା ଗୁଡ଼ିକର ରକ୍ଷଣାବେକ୍ଷଣ, ସର୍ବସାଧାରଣଙ୍କୁ ଟୀକା ପ୍ରଦାନ, ପ୍ରୌଢ଼ ଓ ପ୍ରାଥମିକ ଶିକ୍ଷା, ଜୁଆଖେଳ ଓ ନିଶାକାରବାରକୁ ନିୟନ୍ତ୍ରଣ ତଥା ବନ୍ଧବାଡ଼ର ରକ୍ଷଣାବେକ୍ଷଣ ।

ଗ) **ଲାଇସେନ୍ସ ମଞ୍ଜୁର କରିବାର କ୍ଷମତା -** ଧାରା ୫୫ (ବିପଜ୍ଜନକ ଓ ଆକ୍ରାମକ ପେଷା- ଉଦ୍ୟୋଗ ସମେତ ସମସ୍ତ ଶିଳ୍ପାନୁଷ୍ଠାନ ଓ କାରଖାନା)ର ଉପଧାରା ୧ରେ କୁହାଯାଇଛି ଯେ, ‘‘ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଜିଲ୍ଲାପାଳଙ୍କ ପୂର୍ବାନୁମତି କ୍ରମେ, ଗୋଟିଏ ଗ୍ରାମ ପଞ୍ଚାୟତ ଚାହିଁଲେ ବିଜ୍ଞପ୍ତି ଜାରି କରିପାରିବ ଯେ, ଗ୍ରାମଶାସନ ଅନ୍ତର୍ଗତ କୌଣସି ସ୍ଥାନ ଏହାର ଲାଇସେନ୍ସ ବିନା ଓ ଲାଇସେନ୍ସରେ ବିନିର୍ଦ୍ଦିଷ୍ଟ ସର୍ତ୍ତଗୁଡ଼ିକର ପରିପାଳନ ବିନା ୨୪ ପ୍ରକାର ଉଦ୍ଦେଶ୍ୟ (ଯାହାକି ‘A’ ରୁ ‘X’ ଭାବେ ନାମିତ) ଅନ୍ତର୍ଭୁକ୍ତ କୌଣସି ବାଣିଜ୍ୟିକ, ବ୍ୟବସାୟିକ ବା ପେଷାଗତ ଉଦ୍ୟୋଗ ପାଇଁ ବ୍ୟବହାର ହୋଇପାରିବ ନାହିଁ’’। ଗ୍ରାମପଞ୍ଚାୟତର ଲାଇସେନ୍ସିଂ କ୍ଷମତା ଏହି ସବୁ ଉଦ୍ଦେଶ୍ୟଗୁଡ଼ିକ ପ୍ରତି ଲାଗୁ ହେବ, ଯଥା- ପରିମଳ ତୁଠ, ଗନ୍ଧକର୍ପୂର ଚୁଲା, ଚୁଆ ପ୍ରସ୍ତୁତି, ଚର୍ବି ଓ ଗନ୍ଧକ ତରଳାଇବା, ନାଇଟ୍ରିକ୍ ଏସିଡ୍ ସାହାଯ୍ୟରେ ରୂପା ଓ ସୁନାର କାରିଗରି କାମ, ସାର ପ୍ରସ୍ତୁତି, ବନସ୍ପତି ତେଲ ପ୍ରସ୍ତୁତି, ଘିଅ, ଲହୁଣି ଓ ଚର୍ବିଜାତୀୟ ଖାଦ୍ୟ ପ୍ରସ୍ତୁତି, ମାଛତେଲ ପ୍ରସ୍ତୁତି, ଶବ, ହାଡ଼, ଚମଡ଼ା ଓ ଶିଙ୍ଗ ଇତ୍ୟାଦିରୁ ପ୍ରକ୍ରିୟାକରଣ, ପଶମ ଓ ଲୋମକୁ ଧୋଇବା ଓ ଶୁଖାଇବା, ସାବୁନ ଓ ପ୍ରସାଧନ ତେଲ ପ୍ରସ୍ତୁତି, ସାଗୁ ତିଆରି, କିଆ ଅତର ପ୍ରସ୍ତୁତି, କୃତ୍ରିମ ସାର ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ଚମଡ଼ା ଓ ଲାଖରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି, ବିଡ଼ି ତିଆରି, ବିସ୍ଫୋରକ ଓ ବାଣ ପ୍ରସ୍ତୁତି, ଇଟା, ଟାଇଲ୍, ଚୂନ ଓ ପାତ୍ର ପ୍ରସ୍ତୁତି, ଧର୍ମଶାଳା ଓ ବିଶ୍ରାମଗୃହ ଗୁଡ଼ିକର ପରିଚାଳନା, ହୋଟେଲ୍, ରହଣିସ୍ଥଳ, ରେଷ୍ଟୁରାଣ୍ଟ, ଭୋଜନାଳୟ, ଚା ଓ କଫି ଦୋକାନ, ସେଲୁନ୍, ଘୁଷୁରି, ଛେଳି ଓ ଗୋରୁ ଫାର୍ମ, ମଇଦା ଓ ମଇଦାରୁ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି, ବରଫ ଓ ବାଷ୍ପ-ଭିତ୍ତିକ ଜଳ ପ୍ରସ୍ତୁତି, କାଠ, କୋଇଲା, ଛଣ, ନଡ଼ା, କୁଟା, ଝୋଟ ବା ଅନ୍ୟ କୌଣସି ବିପଜ୍ଜନକ ଆଶୁ-ଦାହ୍ୟ

ସାମଗ୍ରୀଗୁଡ଼ିକୁ ଗଚ୍ଛିତ ରଖିବା, କିରୋସିନ୍, ପେଟ୍ରୋଲ୍, ନାପ୍‌ଥା ବା ଅନ୍ୟ କୌଣସି ସହଜ-ଦାହ୍ୟ ତୈଳ ବା ସ୍ପିରିଟ୍, ଆକ୍ରାମକ ଓ ଅରୁଚିକର ଦୁର୍ଗନ୍ଧ ସୃଷ୍ଟି କରୁଥିବା ଯେକୌଣସି ପଦାର୍ଥର ପ୍ରସ୍ତୁତି, କଳକାରଖାନାରେ ବ୍ୟବହାର୍ଯ୍ୟ କୌଣସି ଜାଳେଣି ବା ଯନ୍ତ୍ରପାତିର ପ୍ରସ୍ତୁତି, ଏବଂ ସର୍ବୋପରି ମଣିଷର ଜୀବନ, ସ୍ୱାସ୍ଥ୍ୟ ବା ସମ୍ପତ୍ତି ପ୍ରତି ହାନିକାରକ ଯେ କୌଣସି କାରବାର ।

ଉପଧାରା ୧ ଅଧିନରେ 'V' ବୋଲି ନାମିତ ବିଷୟ- ଆକ୍ରାମକ ଓ ଅରୁଚିକର ଦୁର୍ଗନ୍ଧ ନିର୍ଗତ କରୁଥିବା କୌଣସି ସାମଗ୍ରୀର ପ୍ରସ୍ତୁତି-ସମ୍ବନ୍ଧରେ ଏକ ସ୍ପଷ୍ଟୀକରଣ ଏଠାରେ ଦରକାର ପଡୁଛି । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୪୮ ଅଧୀନରେ ୮ ନଭେମ୍ବର ୧୯୫୦ରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଏକ ତାଲିକା ଦର୍ଶାଯାଇଥିଲା, ଯେଉଁଥିରେ କେଉଁ କେଉଁ ସାମଗ୍ରୀ ବା ପ୍ରକ୍ରିୟା ପାଇଁ ଗ୍ରାମ ପଞ୍ଚାୟତ ସର୍ବାଧିକ କେତେ ବାର୍ଷିକ ଲାଇସେନସ୍ ଫି ଧାର୍ଯ୍ୟ କରିପାରେ, ତହିଁର ସବିଶେଷ ସୂଚନା ଦିଆଯାଇଛି । ଏଥିରେ 'V' ନାମିତ ବିଷୟ ଅଧିନରେ ଆରାକ୍ (distillery ବା ମଦ୍ୟ ପ୍ରସ୍ତୁତି) ବାବଦରେ ଲାଇସେନ୍ସ ଫିର ବ୍ୟବସ୍ଥା ମଧ୍ୟ ସୂଚିତ ହୋଇଛି । ଯେହେତୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ ଅନୁଯାୟୀ ସେହି ବିଷୟଟି ଏବେବି ଗ୍ରାମପଞ୍ଚାୟତର ଲାଇସେନ୍‌ସିଂ କ୍ଷମତାର ପରିସରଭୁକ୍ତ, ତେଣୁ ଏହା ନିଃସନ୍ଦେହ ଯେ, ବର୍ତ୍ତମାନ ଆଇନ୍‌ଗତ ସ୍ଥିତି ଦୃଷ୍ଟିରୁ ଦେଶୀ ମଦ ପ୍ରସ୍ତୁତି ପାଇଁ ଲାଇସେନ୍ସ ଦେବାର କ୍ଷମତା କେବଳ ଗ୍ରାମ ପଞ୍ଚାୟତର ହିଁ ଅଛି ।

ପୁଣି ଓଡ଼ିଶା ଗ୍ରମା ପଞ୍ଚାୟତ ଆଇନ୍ ୧୯୬୫ର ଧାରା ୫୫ ଅଧିନସ୍ଥ ଉପଧାରା ୩ରେ କୁହାଯାଇଛି ଯେ, ''ଗ୍ରାମ ପଞ୍ଚାୟତ ନିଜର ନିର୍ଦ୍ଦେଶ ବଳରେ ତଥା ନିଜେ ସମୁଚିତ ବୋଲି ଅନୁଭବ କରୁଥିବା କଟକଣା ଓ ନିୟନ୍ତ୍ରଣ-ସର୍ତ୍ତ ଭିତ୍ତିରେ ଏତାଦୃଶ ଏକ ଲାଇସେନ୍ସକୁ ମଞ୍ଜୁର କରିପାରନ୍ତି ବା ମନା କରିଦେଇ ପାରନ୍ତି ।''

ଘ) **ପଞ୍ଚାୟତ ପୋଲିସ୍ ଓ ଅଦାଲତି ପଞ୍ଚାୟତ :** ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍‌ର ଧାରା ୧୫୩, ଯାହା ବଳରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୪୮ ପ୍ରତ୍ୟାହୃତ ହେଲା, ସେଥିରେ ଏକ ବ୍ୟାବୃତ୍ତି (Saving) ବ୍ୟବସ୍ଥା ଥିଲା । ଏହାର ଉପଧାର ୧(ଇ) ଅନୁଯାୟୀ, ''ସୂଚୀତ ଆଇନ୍ (୧୯୪୮ର ଆଇନ୍)ର ଭାଗ ୬ ଓ ଭାଗ ୭ରେ ତଥା ସଂଲଗ୍ନ ୨ୟ ଓ ୩ୟ ସାରଣୀରେ ପଞ୍ଚାୟତ ପୋଲିସ୍ ଓ ଆଦାଲତ ପଞ୍ଚାୟତି ସମ୍ବନ୍ଧରେ ଥିବା ବ୍ୟବସ୍ଥା ଗୁଡ଼ିକ, ଧାରା ୧୫୪ର ବ୍ୟବସ୍ଥାଗୁଡ଼ିକ ଅଧୀନରେ ରହି, ବଳବତ୍ତର ହୋଇ ରହିବ, ଠିକ୍ ଯେପରିକି

ସେଗୁଡ଼ିକ ଏହି ଆଇନ୍ ବଳରେ ସୃଷ୍ଟି ହୋଇଛି।'' ପୁଣି ଧାରା ୧୫୪ (ଯାହା କି ପଞ୍ଚାୟତ ପୋଲିସ୍ ଓ ଅଦାଲତି ପଞ୍ଚାୟତ ସମ୍ବନ୍ଧରେ ଏକ ବ୍ୟାବୃତ୍ତି ବ୍ୟବସ୍ଥା) ଅନୁଯାୟୀ, ଏହି ୨ଟି ସଂସ୍ଥା ଗ୍ରାମପଞ୍ଚାୟତର ପରିସର ମଧ୍ୟରେ ଏବଂ ଏହାର ସାମଗ୍ରୀକ କର୍ତ୍ତୃତ୍ୱ ଅଧୀନରେ ବଜାୟ ରହିବ। ଏହା କହିବା ନିଷ୍ପ୍ରୟୋଜନ ଯେ, ପଞ୍ଚାୟତ ପୋଲିସ୍ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ଅପରାଧ ନିବାରଣର ପ୍ରକ୍ରିୟା ତ୍ୱରିତ ହୋଇପାରିବ ଏବଂ ଅଦାଲତି ପଞ୍ଚାୟତ ବ୍ୟବସ୍ଥା ଦ୍ୱାରା ଗ୍ରାମାବାସୀମାନଙ୍କୁ ତ୍ୱରିତ, ସମୁଚିତ ଏବଂ ସ୍ୱଳ୍ପ-ବ୍ୟୟସାପେକ୍ଷ ନ୍ୟାୟ ମିଳିପାରିବ।

କିନ୍ତୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୫ ଲାଗୁ ହେବା ଦିନଠାରୁ ରାଜ୍ୟ ସରକାରଙ୍କ ତରଫରୁ ଏହି ୨ଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା (ଗୋଟିଏ ପ୍ରଶାସନିକ ଓ ଅନ୍ୟଟି ନ୍ୟାୟିକ)କୁ ଗ୍ରାମ ପଞ୍ଚାୟତ ସ୍ତରରେ କ୍ରିୟାଶୀଳ କରେଇବା ଦିଗରେ କୌଣସି ପଦକ୍ଷେପ ନିଆହୋଇନି।

**୫. ପଞ୍ଚାୟତ ଉପରେ ଅମଲାତାନ୍ତ୍ରିକ ନିୟନ୍ତ୍ରଣର ଉଚ୍ଛେଦ -**

ସମସ୍ତ ଜାଣିଛନ୍ତି ଯେ, ୧୯୯୨ର ୭୩ତମ ସମ୍ବିଧାନ ସଂଶୋଧନ କାର୍ଯ୍ୟକାରୀ ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାରଙ୍କ ଦ୍ୱାରା ମନମୁଖୀ ଭାବେ ଗୋଟିଏ ପଞ୍ଚାୟତକୁ ଭାଙ୍ଗି ଦିଆଯାଉଥିଲା ଏବଂ ଏହାର କର୍ମକର୍ତ୍ତାମାନଙ୍କୁ ନିଲମ୍ବନ ବା ବରଖାସ୍ତ କରି ଦିଆଯାଇ ପାରୁଥିଲା। କିନ୍ତୁ ୭୩ ତମ ସଂଶୋଧନ ବଳରେ ସମ୍ବିଧାନର ଧାରା ୨୪୩-ଇ ଅନୁଯାୟୀ ପ୍ରତି ପଞ୍ଚାୟତର କାର୍ଯ୍ୟକାଳକୁ ୫ ବର୍ଷପାଇଁ ବୈଧାନିକଭାବେ ବିନିର୍ଦ୍ଦିଷ୍ଟ କରିଦିଆଗଲା। କିନ୍ତୁ ଏବେ ବି ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍-୨୦୦୫ରେ ଏପରି ବହୁ ବ୍ୟବସ୍ଥା ରହିଛି, ଯାହା ବଳରେ ସମ୍ପୃକ୍ତ ଅମଲାମାନେ ଗୋଟିଏ ପଞ୍ଚାୟତକୁ ମନମୁଖିଭାବେ ଯେତେବେଳେ ପାଇଲେ ସେତେବେଳେ ଭାଙ୍ଗିଦେଇପାରନ୍ତି ବା ଏହାର କାର୍ଯ୍ୟଭାର ନିଜ ହାତକୁ ନେଇପାରନ୍ତି ଅଥବା ଏହାର କର୍ମକର୍ତ୍ତାମାନଙ୍କୁ ନିଲମ୍ବନ ବା ବରଖାସ୍ତ କରିଦେଇପାରନ୍ତି। ଏହି ଆଇନ୍‌ର ଧାରା ୧୧୫(୧)ରେ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି ଗୋଟିଏ ସରପଞ୍ଚ ବା ନାଏବ ସରପଞ୍ଚଙ୍କୁ ନିଲମ୍ବନ କରିଦେବାପାଇଁ। ଏହାର ଉପଧାରା ୨ରେ ସରପଞ୍ଚଙ୍କୁ ପୁରା ବରଖାସ୍ତ କରିଦେବାର କ୍ଷମତା ମଧ୍ୟ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଉପଧରା ୬(ଏ)ରେ କେବଳ ସରପଞ୍ଚ କି ନାଏବ ସରପଞ୍ଚ ନୁହେଁ, ଗ୍ରାମପଞ୍ଚାୟତର ଯେକୌଣସି ସଭ୍ୟଙ୍କୁ ତାଙ୍କ ପଦବୀରୁ ବରଖାସ୍ତ କରିଦେବାର କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି। ସେହି ଉପଧାରା ବଳରେ ଜିଲ୍ଲାପାଳ ମଧ୍ୟ ଯେ କୌଣସି ପଞ୍ଚାୟତ ସଭ୍ୟଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ସକାଶେ ଅଯୋଗ୍ୟ ବୋଲି ଘୋଷଣା

କରିପାରନ୍ତି । ପୁଣି ଧାରା ୧୧୬(୧) ଅନୁଯାୟୀ ରାଜ୍ୟ ସରକାର ନିଜ ତରଫରୁ ସ୍ୱୟଂଚାଳିତ ହୋଇ ଗୋଟିଏ ଗ୍ରାମପଞ୍ଚାୟତକୁ ଭଙ୍ଗ କରି ଦେଇପାରନ୍ତି । ପଞ୍ଚାୟତ ଓ ଏହାର କର୍ମକର୍ତ୍ତାମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ମନମୁଖୀ କ୍ଷମତା ଯେପର୍ଯ୍ୟନ୍ତ ଅମଲାଗୋଷ୍ଠୀଙ୍କ ହାତରେ ଥିବ, ସେପର୍ଯ୍ୟନ୍ତ ସମ୍ବିଧାନର ଧାରା ୪୦ ବା ୭୩ ତମ ସଂଶୋଧନରେ ବର୍ଣ୍ଣିତ ସ୍ୱଶାସନର ଏକକ ରୂପେ କେବେହେଲେ ବି ପଞ୍ଚାୟତ ଗଢ଼ିଉଠି ପାରିବନି । ପଞ୍ଚାୟତ କିମ୍ବା ଏହାର କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ସ୍ଥିତି ଉପୁଜିଲେ, ଏଥିପାଇଁ ପଲ୍ଲୀସଭା ବା ଗ୍ରାମସଭାର ନିଷ୍ପତ୍ତି ହିଁ ଶିରୋଧାର୍ଯ୍ୟ ହେବା ଉଚିତ୍ । ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଲ୍ଲୀସଭା/ଗ୍ରାମସଭାରେ ଗୃହୀତ ହୋଇଥିବା କୌଣସି ଏକ ପ୍ରସ୍ତାବକୁ କାର୍ଯ୍ୟାନ୍ୱୟନ କରିବାର କ୍ଷମତା କେବଳ ଉପର ସ୍ତରର ପଞ୍ଚାୟତ, ଯଥା-ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ହାତରେ ନ୍ୟସ୍ତ ହେବା ବିଧେୟ, ବର୍ତ୍ତମାନ ଭଳି ଅମଲାମାନଙ୍କ ହାତରେ ନୁହେଁ ।

***ସୁତରାଂ ସମ୍ବିଧାନ ଓ ୭୩ ତମ ସଂଶୋଧନରେ ପଞ୍ଚାୟତକୁ ସ୍ୱୟଂଶାସନର ଏକକ ରୂପେ ଗଢ଼ିତୋଳିବାର ଯେଉଁ ପରିଦୃଷ୍ଟି ସ୍ଥାନିତ ହୋଇଛି, ତାକୁ ସାକାର କରିବାକୁ ହେଲେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫କୁ ଏପରି ମୌଳିକ ଭାବେ ସଂଶୋଧନ କରିବାକୁ ପଡ଼ିବ, ଯାହା ଫଳରେ ପଞ୍ଚାୟତ ବିରୁଦ୍ଧରେ ଅମଲାମାନେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେନି, ଉଲ୍ଲଂଘନକାରୀ ପଞ୍ଚାୟତ କର୍ମକର୍ତ୍ତାମାନଙ୍କୁ ପ୍ରତ୍ୟାହାର କରିପାରିବାର କ୍ଷମତା କେବଳ ପଲ୍ଲୀସଭା/ଗ୍ରାମସଭା ହାତରେ ନ୍ୟସ୍ତ ରହିବ, ତଥା ପଞ୍ଚାୟତ ବା ପଞ୍ଚାୟତ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ପ୍ରସ୍ତାବକୁ କାର୍ଯ୍ୟାନ୍ୱୟନ କରିବାର କ୍ଷମତା କେବଳ ଉପରସ୍ତରର ପଞ୍ଚାୟତିରାଜ ସଂସ୍ଥା ହାତରେ ସୀମିତ ରହିବ ।***

**୭. ପଞ୍ଚାୟତର ପ୍ରସ୍ତାବ ବା ଅଣୁଯୋଜନାକୁ ଅମଲାଗୋଷ୍ଠୀଙ୍କ ଦ୍ୱାରା ଅଦଳବଦଳ କରିବାର ଅବାଂଛିତ ପ୍ରଥା -**

ପଲ୍ଲୀସଭା ବା ଗ୍ରାମସଭାର ବୈଠକରେ ଯୋଗଦାନ ପାଇଁ ଲୋକମାନେ ନିସ୍ପୃହ ହେଉଥିବା ପଛରେ ଆଉ ଗୋଟିଏ ବଡ଼ କାରଣ ହେଲା, ସେମାନେ ଜାଣିଛନ୍ତି ଯେ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ ବଳରେ ଉପରିସ୍ଥ ସରକାରୀ ଅଧିକାରୀମାନେ ଏହିସବୁ ବୈଠକର ନିଷ୍ପତ୍ତି, କର୍ମଯୋଜନା ବା ଅଟକଳକୁ ନିଜେ ଚାହିଁବାମତେ ଅଦଳବଦଳ କରିଦେଇ ପାରିବେ । ଉଦାହରଣ

ସ୍ୱରୁପ, ଉପରୋକ୍ତ ଆଇନ୍‌ର ଧାରା ୧୦୯ରେ କୁହାଯାଇଛି, ‘‘ଗ୍ରାମପଞ୍ଚାୟତର କ୍ଷମତା ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ଜିଲ୍ଲାପାଳ ବା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୃକ୍ତ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବେ କ୍ଷମତା ପ୍ରାପ୍ତ ହୋଇଥିବା ଯେକୌଣସି ଅଧିକାରୀ ନିରୀକ୍ଷଣ, ତଦାରଖ ଓ ନିୟନ୍ତ୍ରଣର ସାଧାରଣ କ୍ଷମତା ପ୍ରୟୋଗ କରିପାରିବେ ।’’ ଗ୍ରାମପଞ୍ଚାୟତ ଭଳି ଏକ ନିର୍ବାଚିତ ସଂସ୍ଥା ଉପରେ ଅନିର୍ବାଚିତ ପ୍ରଶାସକମାନଙ୍କର ସାମଗ୍ରୀକ କର୍ତ୍ତୃତ୍ୱର ଆଉ ଏକ ଦୃଷ୍ଟାନ୍ତ ହେଲା, ସେହି ଆଇନ୍‌ର ଧାରା ୧୧୪ (୧) - ‘‘ଗ୍ରାମପଞ୍ଚାୟତ ଦ୍ୱାରା ଗୃହୀତ ହୋଇଥିବା କୌଣସି ପ୍ରସ୍ତାବ ବା ଆଦେଶକୁ ସବ୍‌ଡ଼ିଭିଜନାଲ୍ ଅଫିସର ନିଜ ତରଫରୁ ବା ସରପଞ୍ଚଙ୍କ ଦ୍ୱାରା ସୂଚିତ ହୋଇ ପ୍ରତ୍ୟାହାର, ସଂଶୋଧନ ବା ଅନୁମୋଦନ କରିପାରନ୍ତି ।’’ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ରେ ଏହିପରି ଅନେକ ଗୁଡ଼ିଏ ବ୍ୟବସ୍ଥା ରହିଛି, ଯେଉଁଗୁଡ଼ିକ କି ସମ୍ବିଧାନର ଧାରା ୨୪୩ (ଜି)ରେ ଗ୍ରାମପଞ୍ଚାୟତକୁ ଦିଆଯାଇଥିବା କ୍ଷମତାଗୁଡ଼ିକୁ ନିରର୍ଥକ କରିଦେଉଛି । ଉଲ୍ଲେଖ ଥାଉକି, ସମ୍ବିଧାନର ଏହି ଧାରା ଅନୁଯାୟୀ, ସ୍ୱୟଂଶାସନର ଏକକରୂପେ ପଞ୍ଚାୟତଗୁଡ଼ିକ ସାମାଜିକ- ଆର୍ଥିକ ଉନ୍ନୟନ ଓ ସାମାଜିକ ନ୍ୟାୟପାଇଁ ଯୋଜନାମାନ ପ୍ରସ୍ତୁତ କରିବେ ଏବଂ ବିଭିନ୍ନ ସ୍କିମ୍‌ଗୁଡ଼ିକର କାର୍ଯ୍ୟାନ୍ୱୟନ’’ କରିବା କଥା ।

***ସୁତରାଂ ଗ୍ରାମପଞ୍ଚାୟତର କ୍ଷମତା ଓ କାର୍ଯ୍ୟାବଳୀ ଉପରେ ଅନିର୍ବାଚିତ ଅମଲାତାନ୍ତ୍ରିକ ସଂସ୍ଥାଗୁଡ଼ିକର ସମସ୍ତ ପ୍ରକାର ନିୟନ୍ତ୍ରଣକୁ ହଟାଇବା ପାଇଁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫କୁ ସାମଗ୍ରୀକ ଭାବେ ସଂଶୋଧନ କରାଯାଉ । କାରଣ, ଦେଶର ସମୁଦାୟ ଶାସନବ୍ୟବସ୍ଥାରେ ପଞ୍ଚାୟତ ଏକ ସ୍ୱୟଂ ଶାସିତ ସଂସ୍ଥାରୂପେ କାର୍ଯ୍ୟ କରିବ ବୋଲି ସମ୍ବିଧାନରେ ଦର୍ଶାଯାଇଛି ।***

**୮. ସାଂସଦ ଓ ବିଧାୟକଙ୍କ ‘ଆଞ୍ଚଳିକ ଉନ୍ନୟନ ପାଣ୍ଠି’ର ବିନିଯୋଗ ପଞ୍ଚାୟତ ମାର୍ଫତରେ ହେବାର ଆବଶ୍ୟକତା -**

ବର୍ତ୍ତମାନ ପ୍ରତି ସାଂସଦ ଓ ବିଧାୟକମାନଙ୍କୁ ମିଳୁଥିବା ବାର୍ଷିକ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଲାଡ୍) ବାବଦରେ ଯଥାକ୍ରମେ ଦୁଇକୋଟି ଓ ପଚାଶ ଲକ୍ଷ ଟଙ୍କା ଗ୍ରାମ ପଞ୍ଚାୟତ କିମ୍ବା ପୌରସଂସ୍ଥା ଅଧୀନସ୍ଥ କୌଣସି ନା କୌଣସି ଗ୍ରାମ ବା ସାହିରେ ଖର୍ଚ୍ଚ ହେଉଛି । ଅଥଚ, ଏହି ଅର୍ଥବ୍ୟୟର ଉଦ୍ଦେଶ୍ୟ କି ବିନିଯୋଗ ଉପରେ ଗ୍ରାମ ପଞ୍ଚାୟତ କି ପୌରସଂସ୍ଥାର କୌଣସି ନିୟନ୍ତ୍ରଣ ନାହିଁ । ଏହା ଫଳରେ ବହୁ ସମୟରେ ଗୋଟିଏ ଅଞ୍ଚଳର ଲୋକଙ୍କ ଅଜାଣତରେ ଓ ଏପରିକି ଅନିଚ୍ଛା ସତ୍ତ୍ୱେ ଏହି ପାଣ୍ଠି ବଳରେ ଏପରି କାମ ସବୁ ହେଉଛି, ଯାହାକି ବିଭିନ୍ନ ପ୍ରକାର ବାଦବିସଂବାଦ

ସୃଷ୍ଟି କରିଚାଲିଛି । ପଞ୍ଚାୟତର ତଦାରଖ ଅଭାବରୁ କେତେକ ସ୍ଥଳେ ଏହି ପାଣ୍ଠିର ମନମୁଖୀ ଅପଚୟ ଓ ଆତ୍ମସାତ ମଧ୍ୟ ଘଟୁଛି ।

***ସୁତରାଂ ପଞ୍ଚାୟତ ପରିସର ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଉପରେ ପଞ୍ଚାୟତର କର୍ତ୍ତୃତ୍ୱ ଓ ତଦାରଖକୁ ସୁନିଶ୍ଚିତ କରିବା ପାଇଁ ତଥା ସର୍ବସାଧାରଣ ଅର୍ଥର ଉପଯୁକ୍ତ ଓ ସ୍ୱଚ୍ଛ ବିନିଯୋଗ ପାଇଁ ସାଂସଦ ଓ ବିଧାୟକମାନଙ୍କୁ ମିଳୁଥିବା ଆଞ୍ଚଳିକ ଉନ୍ନୟନ ପାଣ୍ଠିର ଉପଯୋଗ ପ୍ରକ୍ରିୟାକୁ ପଞ୍ଚାୟତର ନିୟନ୍ତ୍ରଣାଧୀନ କରାଯାଉ ।***

**୯. ଭୂମିହୀନମାନଙ୍କୁ ଭୂମି ଓ ଘରଡ଼ିହ ଯୋଗାଇଦେବାର କ୍ଷମତା ପଞ୍ଚାୟତ ଉପରେ ଅର୍ପଣ-**

ଗୋଟିଏ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତିର ଲୋକମାନଙ୍କ ମଧ୍ୟରେ ଥିବା ଭୂମିହୀନତାକୁ ସର୍ବେକ୍ଷଣ ଓ ଚିହ୍ନଟ କରିବା ତଥା ସେମାନଙ୍କୁ ବସତି ଓ ବୃତ୍ତି ପାଳନ ପାଇଁ ଗ୍ରାମରେ ଥିବା ଅନାବାଦୀ ଓ ଜଙ୍ଗଲ ଜମିକୁ ଆବଣ୍ଟନ କରିବାର କର୍ତ୍ତୃତ୍ୱ ଗୋଟିଏ ଗ୍ରାମ ପଞ୍ଚାୟତ ଉପରେ ନ୍ୟସ୍ତ ରହିବା ଆବଶ୍ୟକ । ବସ୍ତୁତଃ ଏହି ପ୍ରସ୍ତାବଟି ସମ୍ବିଧାନର ଏକାଦଶ ସାରଣୀର ଦ୍ୱିତୀୟ ବିନ୍ଦୁ (ଭୂମି ସମ୍ପଦର ବିକାଶ, ଭୂସଂସ୍କାରର କାର୍ଯ୍ୟକାରିତା, ଜମି ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣ) ଗ୍ରାମ ପଞ୍ଚାୟତର କ୍ଷମତା ପରିସରଭୁକ୍ତ ହେବ ବୋଲି ଯେଉଁ ବ୍ୟବସ୍ଥା ରହିଛି ତା ସହିତ ସଂଗତି ପୂର୍ଣ୍ଣ ।

**୧୦. ଦାଦନ ଶ୍ରମିକମାନଙ୍କୁ ଗ୍ରାମରେ ଥଇଥାନ କରିବାପାଇଁ ପଞ୍ଚାୟତକୁ କ୍ଷମତା ଅର୍ପଣ -**

ଲକ୍ଷ୍ୟ କରାଯାଉଛି ଯେ, ଓଡ଼ିଶାର ପୁରପଲ୍ଲୀରୁ, ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଗାଁ ଗହଳରୁ ଉଭୟ ପୁରୁଷ ଓ ସ୍ତ୍ରୀ ନିର୍ବିଶେଷରେ ଲୋକମାନେ ଅସମ୍ଭାଳ ପରିସ୍ଥିତିରେ ପଡ଼ି କୌଣସି ନା କୌଣସି କାମଧନ୍ଦା ସନ୍ଧାନରେ ରାଜ୍ୟ ଭିତର ଓ ବାହାରର ଦୂରଦୂରାନ୍ତ ସ୍ଥାନମାନଙ୍କୁ ଦାଦନ ଖଟିବାପାଇଁ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାରେ ଗାଁ ଛାଡ଼ି ପଳାଇଯାଉଛନ୍ତି । ବହୁ ସମୟରେ ସେମାନେ ମଧ୍ୟ ନିଜର ବୃଦ୍ଧପିତାମାତା ଓ ନାବାଳକ ପିଲାପିଲିଙ୍କୁ ଗାଁରେ ନିସହାୟ ଅବସ୍ଥାରେ ଛାଡ଼ି ଚାଲିଯାଉଛନ୍ତି । ଗ୍ରାମପଞ୍ଚାୟତ ଗୁଡ଼ିକ ଏହି ବହିର୍ଗମନମୁଖୀ ଗ୍ରାମବାସୀମାନଙ୍କୁ କୌଣସି ବିକଳ୍ପ କାମ ଯୋଗାଇ ପାରୁନାହାନ୍ତି କିମ୍ବା ପରିତ୍ୟକ୍ତ ବୃଦ୍ଧବୃଦ୍ଧା ଓ ପିଲାମାନଙ୍କ ଯତ୍ନ ନେଇ ପାରୁନାହାନ୍ତି । ବର୍ଷବର୍ଷ ଧରି ପଞ୍ଚାୟତଗୁଡ଼ିକର ଏହି ନିକମାପଣିଆ ଦେଖିଦେଖି ଗ୍ରାମବାସୀମାନେ ପଞ୍ଚାୟତର କ୍ଷମତା ସମ୍ବନ୍ଧରେ ଆସ୍ଥା ହରେଇ ବସିଲେଣି । କିନ୍ତୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଧାରା ୪୫ରେ ଗ୍ରାମପଞ୍ଚାୟତର ୨୫ ପ୍ରକାର ସ୍ୱେଚ୍ଛିକ କର୍ତ୍ତବ୍ୟର ଏକ ତାଲିକା ଅବତାରଣା

କରାଯାଇଛି, ଅର୍ଥାତ୍ ପଞ୍ଚାୟତ ଚାହିଁଲେ ଏଥିରୁ ଯେକୌଣସି କାମ ନିଜ ହାତକୁ ନେଇ ପାରିବ । ଧାରା ୪୫ର ବିନ୍ଦୁ 'ଏମ୍'ରେ କୁହାଯାଇଛି ଯେ, ''ନିଅଣ୍ଟିଆ ସମୟରେ କର୍ମନିଯୁକ୍ତି ଯୋଗାଇଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ଚାଲୁରଖିବା ଓ ବଜାୟ ରଖିବା ତଥା ଶସ୍ୟଗୋଲା ପ୍ରତିଷ୍ଠା କରିବା'' ପାଇଁ ପଞ୍ଚାୟତର କ୍ଷମତା ରହିଛି । ପୁଣି ବିନ୍ଦୁ 'ୱାଇ'ରେ କୁହାଯାଇଛି ଯେ, 'ସର୍ବସାଧାରଣ ସୁରକ୍ଷା, ସ୍ୱାସ୍ଥ୍ୟ, ସୁବିଧା ଓ କଲ୍ୟାଣ' ପାଇଁ ଅନ୍ୟ ଯେକୌଣସି କାର୍ଯ୍ୟକ୍ରମ ପଞ୍ଚାୟତ ଗ୍ରହଣ କରିପାରିବ । କିନ୍ତୁ ବାସ୍ତବ କ୍ଷେତ୍ରରେ, କର୍ମ ନିଯକ୍ତି ସୃଷ୍ଟି ବା ସର୍ବସାଧାରଣ କଲ୍ୟାଣ ପାଇଁ କୌଣସି ସ୍କିମ୍ ଚାଲୁ କରିବା ସକାଶେ କେବଳ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ନିକଟରେ ଉଭୟ କ୍ଷମତା ଓ ସମ୍ବଳ ଅଛି, ପଞ୍ଚାୟତ ପାଖରେ ନାହିଁ । ବିସ୍ମୟର କଥା, ସରକାରଙ୍କ ଦ୍ୱାରା ପଞ୍ଚାୟତର ଏହି କ୍ଷମତାକୁ ହଡ଼ପ କରିବା ସପକ୍ଷରେ ଉପରୋକ୍ତ ଆଇନ୍‌ର ଧାରା ୪୬ରେ କୁହାଯାଇଛି ଯେ, ''ଏହି ଭାଗରେ ଯାହାକିଛି କୁହାଯାଇ ଥାଉନା କାହିଁକି, ତଦ୍ୱାରା ସ୍ଥାନୀୟ ପ୍ରଶାସନ ବା ରାଜ୍ୟ ସରକାରଙ୍କ କୌଣସି ବିଭାଗର ପ୍ରତ୍ୟକ୍ଷ ପ୍ରଶାସନିକ ନିୟନ୍ତ୍ରଣରେ ଥିବା କୌଣସି ବ୍ୟାପାରରେ ଗ୍ରାମପଞ୍ଚାୟତ ଉପରେ କୌଣସି କ୍ଷମତା ବା ଦାୟିତ୍ୱ ନ୍ୟସ୍ତ ହୋଇପାରିବନି; ପରନ୍ତୁ ଏପରି କ୍ଷମତା ବା ଦାୟିତ୍ୱକୁ ସ୍ଥାନୀୟ ପ୍ରଶାସନ ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଏକ ବିଭାଗ ନିର୍ଦ୍ଦିଷ୍ଟ ଆଦେଶ ବଳରେ ପଞ୍ଚାୟତ ଉପରେ ନ୍ୟସ୍ତ କରିପାରନ୍ତି'' । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଏତାଦୃଶ ପରସ୍ପର-ବିରୋଧି ବ୍ୟବସ୍ଥା ଫଳରେ ଗ୍ରାମପଞ୍ଚାୟତ ବାସ୍ତବ କ୍ଷେତ୍ରରେ କର୍ମନିଯୁକ୍ତି ସୃଷ୍ଟିପାଇଁ ବା ଅନ୍ୟ କିଛି ସର୍ବସାଧାରଣ କଲ୍ୟାଣ ଉଦ୍ଦେଶ୍ୟରେ କୌଣସି ଏକ କର୍ମଯୋଜନା ବା ଉଦ୍ୟୋଗ ନିଜ ହାତକୁ ନେବାପାଇଁ ସକ୍ଷମ ହୋଇ ପାରୁନାହାନ୍ତି ।

ସୁତରାଂ କର୍ମନିଯୁକ୍ତି ସୃଷ୍ଟି ଭଳି ସର୍ବସାଧାରଣ କଲ୍ୟାଣ ପାଇଁ ପଞ୍ଚାୟତ ପରିସର ଭିତରେ ଥିବା ପ୍ରାକୃତିକ ଓ ଆର୍ଥିକ ସମ୍ବଳ ତଥା ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ପଞ୍ଚାୟତ କୌଣସି କାର୍ଯ୍ୟକ୍ରମ ନିଜେ ହାତକୁ ନେବା ଉପରେ ଥିବା ବୈଧାନିକ କଟକଣାକୁ ହଟାଇବା ପାଇଁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍‌ର ଆବଶ୍ୟକୀୟ ସଂଶୋଧନ ଜରୁରୀ । ୧୯୯୨ର ୭୩ତମ ସଂଶୋଧନର ଅଂଶବିଶେଷ ରୂପେ ସମ୍ବିଧାନରେ ଏକାଦଶ ସାରଣୀ ଯୋଡ଼ାଯାଇଥିଲା, ଯେଉଁଥିରେ ୨୯ଟି ବିଷୟ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି । କିନ୍ତୁ ଏହି ବିଷୟଗୁଡ଼ିକୁ ଏବେସୁଦ୍ଧା ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ପାରିନି ।

***ସୁତରାଂ ଦାଦନ ଶ୍ରମଭଳି ଯେକୌଣସି ସମସ୍ୟା ଓ ସଙ୍କଟକୁ ମୁକାବିଲା କରିବାରେ ସକ୍ଷମ କରିବାପାଇଁ ପଞ୍ଚାୟତ ହାତକୁ ଆବଶ୍ୟକୀୟ କ୍ଷମତା ଓ ସମ୍ବଳ ହସ୍ତାନ୍ତର ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବା ବିଧେୟ ।***

## ୧୧. ଦଳୀୟ ରାଜନୀତିର ବଳୟରୁ ପଞ୍ଚାୟତକୁ ମୁକ୍ତି -

ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ନିର୍ବାଚନରେ ଦଳୀୟ ଟିକେଟ୍ ଓ ସଙ୍କେତ ଭିତ୍ତିରେ ପ୍ରାର୍ଥୀମାନେ ଲଢୁଥିବାରୁ କେବଳ ଯେ ପଞ୍ଚାୟତିରାଜର ଏହି ଦୁଇଟି ସ୍ତର ସଂକୀର୍ଣ୍ଣ ଦଳୀୟତାର ମାରାତ୍ମକ ବିଷଦ୍ୱାରା ଆକ୍ରାନ୍ତ ହୋଇଛି ତାହା ନୁହେଁ, ବରଂ ଏହା ବିଭିନ୍ନ ଉପାୟରେ ଗ୍ରାମପଞ୍ଚାୟତ, ଗ୍ରାମସଭା ଓ ପଲ୍ଲୀସଭାର ନିତିଦିନିଆ କାର୍ଯ୍ୟପ୍ରକ୍ରିୟାକୁ ପୁରାପୁରି ବିଷାକ୍ତ କରି ସାରିଛି । ଏହା ଫଳରେ ଗ୍ରାମସଭା ଓ ପଲ୍ଲୀସଭାର ନିଷ୍ପତ୍ତିଗ୍ରହଣ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଦଳାଦଳି ମନୋଭାବ ପ୍ରାଧାନ୍ୟ ବିସ୍ତାର କରିଚାଲିଛି ଏବଂ ଦିନକୁ ଦିନ ଗ୍ରାମସଭା ଓ ପଲ୍ଲୀସଭା ଗୁଡ଼ିକ ଦଳୀୟ ସଂଘର୍ଷର ଉର୍ବର କ୍ଷେତ୍ରରେ ପରିଣତ ହୋଇଚାଲିଛି । ଏସବୁ ଦେଖି ବିବ୍ରତ ହୋଇପଡୁଥିବା ସାଧାରଣ ଲୋକେ ଆପେଆପେ ପଞ୍ଚାୟତର କ୍ରିୟାକଳାପଠାରୁ ଦୂରେଇ ଯାଉଛନ୍ତି । କିନ୍ତୁ, ସମ୍ବିଧାନର ୪୦ ଓ ୨୪୩ (ଜି)ରେ ପଞ୍ଚାୟତକୁ ସମୁଦାୟ ଗ୍ରାମର ଏକ ସ୍ୱୟଂଶାସିତ ଏକକ ଭାବେ ଦର୍ଶାଯାଇଥିବା ଦୃଷ୍ଟିରୁ ଗୋଟିଏ ପଞ୍ଚାୟତ ଗ୍ରାମର ସବୁଲୋକଙ୍କୁ ଜାତି, ଧର୍ମ, ଲିଙ୍ଗ, ଅବସ୍ଥା, ବିଚାର ବା ବିଶ୍ୱାସ ନିର୍ବିଶେଷରେ ନିଜର ନିଷ୍ପତ୍ତିଗ୍ରହଣ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଜଡ଼ିତ କରିବା ବିଧେୟ, ଅଥଚ ପଞ୍ଚାୟତି ବ୍ୟବସ୍ଥାର କେତେକ ସ୍ତରରେ ଦଳୀୟ ଟିକେଟ ଓ ସଙ୍କେତ ଭିତ୍ତିରେ ନିର୍ବାଚନ ଲଢ଼ାଯାଉଥିବାରୁ ସମଗ୍ର ପଞ୍ଚାୟତି ବ୍ୟବସ୍ଥା ଆଜି ଦଳୀୟତାରେ ପ୍ରଦୂଷିତ ହୋଇ ପଡ଼ିଛି  ଏବଂ ନିର୍ବାଚନ ସରିଗଲାପରେ ବି ଦଳୀୟ ତକରାଳ ଲାଗି ରହୁଛି ଓ କ୍ରମେକ୍ରମେ ଘନୀଭୂତ ହେଉଛି । ଏହା ଫଳରେ ପଞ୍ଚାୟତିରାଜ ପଛରେ ଥିବା ମୂଳ ବିଚାରଟି ବିନଷ୍ଟ ହୋଇପଡୁଛି । ଯେତେଶୀଘ୍ର ଏହି ଦଳୀୟ ରାଜନୀତିର ଅବସାନ ଘଟିବ, ସେତେଶୀଘ୍ର ପଞ୍ଚାୟତି ବ୍ୟବସ୍ଥା ତା'ର ସ୍ୱାସ୍ଥ୍ୟ ଫେରି ପାଇବ ।

***ସୁତରାଂ ଆମ ରାଜ୍ୟରେ ପଞ୍ଚାୟତିରାଜ ସମ୍ବନ୍ଧରେ ଥିବା ୩ଟି ମୂଳ ଆଇନ୍, ଯଥା - ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫, ପଞ୍ଚାୟତ ସମିତି ଆଇନ୍ ୧୯୫୯ ଓ ଜିଲ୍ଲା ପରଷଦ ଆଇନ୍ ୧୯୯୧କୁ ଆବଶ୍ୟକ ମତେ ଏପରି ସଂଶୋଧନ କରାଯାଉ, ଯାହାଫଳରେ ତୃଣମୂଳ ସ୍ତରର ଏହି ସବୁ ସଂସ୍ଥାର ଗଠନ ପାଇଁ ଅନୁଷ୍ଠିତ ହେଉଥିବା ନିର୍ବାଚନ ପ୍ରକ୍ରିୟାରେ କୌଣସି ଦଳୀୟ ପ୍ରଭାବ କାମ କରିବ ନାହିଁ ।***

## ୧୨. ପଞ୍ଚାୟତର ବିତ୍ତୀୟ କ୍ଷମତାକୁ ସଙ୍କୁଚିତ କରୁଥିବା ବ୍ୟବସ୍ଥାଗୁଡ଼ିକର ଅପସାରଣ -

ଗୋଟିଏ ଗ୍ରାମପଞ୍ଚାୟତ ନିଜର ବିତ୍ତୀୟ ସ୍ଥିତିକୁ ସ୍ୱାଧୀନ ଓ ସ୍ୱୟଂକ୍ରିୟଭାବେ ପରିଚାଳନା କରିବାପାଇଁ ସମର୍ଥ ହେବା ସକାଶେ ଆବଶ୍ୟକୀୟ କାନୁନୀ ବ୍ୟବସ୍ଥାଗୁଡ଼ିକ ଓଡ଼ିଶା ଗ୍ରାମପଞ୍ଚାୟତ

ଆଇନ୍ ୧୯୬୫ରେ ରହିବା ବିଧେୟ । କିନ୍ତୁ ଏହା ଜଣାଶୁଣା ଯେ, ଏହି ଆଇନ୍‌ର ନବମ ଅଧ୍ୟାୟ (ବିତ୍ତୀୟ ବ୍ୟବସ୍ଥା)ରେ ଏଭଳି ସବୁ କଟକଣାମାନ ରହିଛି, ଯାହା ଫଳରେ ଗ୍ରାମପଞ୍ଚାୟତର ବିତ୍ତୀୟ ସ୍ୱ-ପରିଚାଳନା କ୍ଷମତା ବହୁଳଭାବେ ସଙ୍କୁଚିତ ହୋଇ ପଡ଼ିଛି । ପ୍ରଥମତଃ ଧାରା ୯୫ (ଋଣ କରିବାର କ୍ଷମତା)ରେ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ ପ୍ରାକ୍‌ମଞ୍ଜୁରୀ ବିନା ଗୋଟିଏ ଗ୍ରାମପଞ୍ଚାୟତ କୌଣସି ସୁତ୍ରରୁ ଋଣ ଉଠାଇ ପାରିବ ନାହିଁ । ଦ୍ୱିତୀୟତଃ ଧାରା ୧୦୨ ଅନୁଯାୟୀ ଗ୍ରାମ ପାଣ୍ଠିର ଅଡ଼ିଟ୍ ଓଡ଼ିଶା ସ୍ଥାନୀୟ ଅଡ଼ିଟ୍ ଆଇନ୍ ୧୯୪୮ ଅନୁସାରେ ହେବ ବୋଲି ବ୍ୟବସ୍ଥା ରହିଛି । ଏହାର ଅର୍ଥ ହେଲା, ଗୋଟିଏ ଗ୍ରାମପଞ୍ଚାୟତର ବିତ୍ତୀୟ ବ୍ୟାପାରଗୁଡ଼ିକ ଉପରେ ରାଜ୍ୟସରକାର ଏକ ସୁଦୂର ନିୟନ୍ତ୍ରଣ କ୍ଷମତା ନିଜ ହାତରେ ସବୁବେଳେ ରଖିଥିବେ । ତୃତୀୟତଃ ଧାରା ୧୦୩ ଅନୁଯାୟୀ ଗ୍ରାମପଞ୍ଚାୟତ  ନିର୍ଦ୍ଦେଶକ ସମସ୍ତ ସ୍ଥାନୀୟ ହିସାବର ପରୀକ୍ଷକ ରୂପେ କାର୍ଯ୍ୟକରିବେ ଏବଂ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଯେ କୌଣସି ସଂଖ୍ୟକ ଉପ-ହିସାବ ପରୀକ୍ଷକ ବା ସହକାରୀ ହିସାବ ପରୀକ୍ଷକ ନିଯୁକ୍ତ କରିପାରନ୍ତି ଏବଂ ଏମାନେ ଯେକୌଣସି ସମୟରେ ଗୋଟିଏ ପଞ୍ଚାୟତର ହିସାବକୁ ଅଡ଼ିଟ୍, ପୁନଃଅଡ଼ିଟ୍ ବା ସ୍ୱତନ୍ତ୍ର ଅଡ଼ିଟ୍ କରିପାରନ୍ତି ତଥା ଯେକୌଣସି କ୍ଷୁଦ୍ର ବିଚ୍ୟୁତିର କାରଣ ଦର୍ଶାଇ ଗୋଟିଏ ପଞ୍ଚାୟତକୁ ହଲାପଟା କରି ଦେଇପାରନ୍ତି । ଓ. ଗ୍ରା. ପ. ଆଇନ୍ ୧୯୬୫ରେ ଥିବା ଏହିସବୁ କଟକଣାମୂଳକ ବିଧିବ୍ୟବସ୍ଥା ଯୋଗୁଁ ପଞ୍ଚାୟତଗୁଡ଼ିକ ଲୋକସ୍ୱାର୍ଥ ଅନୁକୁଳରେ ନିଜର ବିତ୍ତୀୟସ୍ଥିତିକୁ ସ୍ୱପରିଚାଳନା କରିବାରେ ସମସ୍ତ ପ୍ରକାର ସ୍ପୃହା ଓ ଆଗ୍ରହ ହରାଇ ବସିଛନ୍ତି । ଏହାଛଡ଼ା, ଏହିସବୁ ବିଧିବ୍ୟବସ୍ଥା ଯୋଗୁଁ ଯେ ପଞ୍ଚାୟତ ସ୍ତରରେ ଦୁର୍ନୀତି ଓ ହେରାଫେରି ରୋକାଯାଇ ପାରିଛି, ତାହା ନୁହେଁ । ବସ୍ତୁତଃ ପଞ୍ଚାୟତର ବିତ୍ତୀୟ ବ୍ୟବସ୍ଥାକୁ ରାଜ୍ୟସରକାରଙ୍କ ଦ୍ୱାରା ନିୟନ୍ତ୍ରଣ କରିବାର ବ୍ୟବସ୍ଥା ବ୍ରିଟିଶ୍ ଶାସକ ଗୋଷ୍ଠି ଦ୍ୱାରା ଔପନିବେଶିକ ଅମଳରେ ସୃଷ୍ଟି ହୋଇଥିଲା । କାରଣ, କୌଣସି କ୍ଷେତ୍ରରେ ଆମ ଲୋକମାନଙ୍କର ସ୍ୱପରିଚାଳନା କ୍ଷମତା ଉପରେ ସେମାନଙ୍କର ମୋଟେ ବିଶ୍ୱାସ ନଥିଲା ଏବଂ ଦୁରରେ ବସି ତଳସ୍ତରର ଶାସନର ଚାବିକାଠି ନିଜହାତରେ ରଖିବାପଇଁ ସେମାନେ ଏହିପ୍ରକାର ବ୍ୟବସ୍ଥାକୁ ଜନ୍ମ ଦେଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ, ଏ ପ୍ରକାର ସୁଦୂର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ସ୍ୱାଧୀନୋତ୍ତର କାଳରେ ଗୃହୀତ ପଞ୍ଚାୟତିରାଜ ସମ୍ପର୍କିତ ବିଧିବିଧାନଗୁଡ଼ିକ ଭିତରେ ପୂର୍ବଭଳି ସ୍ଥାନିତ ହୋଇ ରହିଲା ଏବଂ ସେଗୁଡ଼ିକ ଏବେବି ସେମିତି ଉଜ୍ଜୀବିତ ହୋଇ ରହିଛି । ୭୩ତମ ସମ୍ବିଧାନ ସଂଶୋଧନ ୧୯୯୨ ପୁର୍ବରୁ ହୁଏତ ଏହିସବୁ ବ୍ୟବସ୍ଥାଗୁଡ଼ିକର କିଛି ପ୍ରାସଙ୍ଗିକତା ଥିଲା । କାରଣ ସେତେବେଳେ ପଞ୍ଚାୟତିସଂସ୍ଥାଗୁଡ଼ିକର କାର୍ଯ୍ୟକାଳର ବୈଧାନିକ ସ୍ଥିରତା ନଥିଲା ଏବଂ ଗୋଟିଏ ରାଜ୍ୟସରକାର ଚାହିଁବାମାତ୍ରେ ପଞ୍ଚାୟତୀ ସଂସ୍ଥାଗୁଡ଼ିକୁ ଭାଙ୍ଗି ଦେଇପାରୁଥିଲେ ବା ତହିଁର କ୍ଷମତା ନିଜହାତକୁ ନେଇଯାଇ ପାରୁଥିଲେ । ପଞ୍ଚାୟତଗୁଡ଼ିକ ସ୍ୱୟଂଶାସନର ଏକକ

ରୂପେ ନିଜର ବିତ୍ତୀୟ ବ୍ୟବସ୍ଥାକୁ ସ୍ୱପରିଚାଳନା କରିବାର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ନୂତନ ବିଧିବ୍ୟବସ୍ଥା ଜରୁରୀ ହେବାରୁ ସମ୍ବିଧାନର ଧାର ୨୪୩ (ଜେ), ଯାହାକି ୭୩ତମ ସଂଶୋଧନର ଏକ ଅଂଶବିଶେଷ, ସେଥିରେ କୁହାଯାଇଛି ଯେ, ''ଗୋଟିଏ ରାଜ୍ୟର ବିଧାୟିକା ପଞ୍ଚାୟତଗୁଡ଼ିକର ହିସାବ ରଖିବା ଓ ଅଡ଼ିଟ୍ କରିବା ବ୍ୟାପାରରେ ଆଇନ୍ ପ୍ରଣୟନ ପୂର୍ବକ ଆବଶ୍ୟକୀୟ ବ୍ୟବସ୍ଥାଗୁଡ଼ିକ ସୁନିଶ୍ଚିତ କରିବେ''। କିନ୍ତୁ ପଞ୍ଚାୟତଗୁଡ଼ିକର ବିତ୍ତୀୟ ସ୍ଥିତି ଏବଂ ଅଡ଼ିଟ୍ ସମ୍ବନ୍ଧରେ ଥିବା ପୁରୁଣା ପଦ୍ଧତିରେ ବୈଧାନିକ ସଂସ୍କାର ଆଣିବା ଦିଗରେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି।

***ସୁତରାଂ ଗ୍ରାମପଞ୍ଚାୟତ ଗୁଡ଼ିକର ବିତ୍ତୀୟ ପ୍ରବନ୍ଧନରେ ସ୍ୱୟଂକ୍ରିୟତା ଓ ସ୍ୱପରିଚାଳନାକୁ ସୁନିଶ୍ଚିତ କରିବା ସ୍ୱାର୍ଥରେ ତଥା ପଞ୍ଚାୟତକୁ ଏକ ସ୍ୱୟଂଶାସିତ ସଂସ୍ଥା ରୂପେ ଗଢ଼ି ତୋଳିବାର ସାମ୍ବିଧାନିକ ଅଙ୍ଗୀକାର ସହିତ ସଙ୍ଗତି ଆଣିବା ପାଇଁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ର ନମବ ଅଧ୍ୟାୟ (ବିତ୍ତୀୟ ବ୍ୟବସ୍ଥା)ରେ ଆମୂଳଚୂଳ ସଂସ୍କାର ଅଣାଯାଉ, ଯାହାଫଳରେ କି, ପଞ୍ଚାୟତର ବିତ୍ତୀୟ ସ୍ଥିତି ଉପରେ ରାଜ୍ୟସରକାରଙ୍କ ସବୁପ୍ରକାର ନିୟନ୍ତ୍ରଣ ଉଚ୍ଛେଦ ହୋଇପାରିବ ତଥା ପଞ୍ଚାୟତ ହିସାବର ଅଡ଼ିଟ୍ ବ୍ୟବସ୍ଥାକୁ ପଞ୍ଚାୟତିରାଜର ଏକ ଆଭ୍ୟନ୍ତରୀଣ ପ୍ରକ୍ରିୟା ରୂପେ କାର୍ଯ୍ୟକ୍ଷମ କରାଇ ହେବ।***

**୧୩. ପଞ୍ଚାୟତକୁ ସମ୍ବଳ ହସ୍ତାନ୍ତର ପ୍ରକ୍ରିୟାର ସମ୍ପୂର୍ଣ୍ଣୀକରଣ -**

ସମସ୍ତେ ଜାଣନ୍ତି ଯେ, ୭୩ତମ ସମ୍ବିଧାନ ସଂଶୋଧନ ପରେ ଧାରା ୨୪୩ (ଆଇ) ଅନୁଯାୟୀ ପ୍ରତି ରାଜ୍ୟସରକାରଙ୍କ ଦ୍ୱାରା ପ୍ରତି ୫ ବର୍ଷରେ ଗୋଟିଏ ଅର୍ଥ କମିଶନ୍ ଗଠିତ ହେବ, ଯେ କି ନିମ୍ନୋକ୍ତ ବିଷୟରେ ସୁପାରିଶ କରିବେ-(କ) ରାଜ୍ୟ ସରକାର ଓ ପଞ୍ଚାୟତ ମଧ୍ୟରେ ଟିକସ ଓ ଅଣଟିକସ ସୂତ୍ରରୁ ସଂଗୃହୀତ ଅର୍ଥର ଆବଣ୍ଟନ, (ଖ) ସେହିସବୁ ଟିକସ ଓ ଅଣଟିକସ ଆୟମାନ, ଯେଉଁଗୁଡ଼ିକୁ ପଞ୍ଚାୟତ ସଂଗ୍ରହ କରିପାରିବ, ଏବଂ (ଗ) ରାଜ୍ୟର ଏକ୍ରତୀକୃତ ପାଣ୍ଠିରୁ ପଞ୍ଚାୟତକୁ ପ୍ରାପ୍ୟ ଅନୁଦାନ। ଏହାଛଡ଼ା, ପଞ୍ଚାୟତର ବିତ୍ତୀୟ ସ୍ଥିତିର ଉନ୍ନତିପାଇଁ ଆବଶ୍ୟକୀୟ ପଦକ୍ଷେପର ସୁପାରିଶ୍ ମଧ୍ୟ ଏହି କମଶନ୍ କରିବେ। ଓଡ଼ିଶାରେ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ୧୯୯୬ରେ ପ୍ରଥମ ଅର୍ଥ କମିଶନ୍ ଗଠିତ ହୋଇଥିଲା ଏବଂ ଏହାପରେ ଶ୍ରୀଯୁକ୍ତ ତ୍ରିଲୋଚନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ୫ ଜୁନ୍ ୨୦୦୩ରେ ଦ୍ୱିତୀୟ ଅର୍ଥକମିଶନ୍ ଗଠିତ ହେଲା।

ପଞ୍ଚାୟତକୁ ସମ୍ବଳ ହସ୍ତାନ୍ତର ସମ୍ବନ୍ଧରେ କେତେକ ସୁପାରିଶ୍ ଦେଇଥିବା ଦ୍ୱିତୀୟ ଅର୍ଥକମିଶନ୍ ତାଙ୍କର ରିପୋର୍ଟକୁ ଓଡ଼ିଶାର ରାଜ୍ୟପାଳଙ୍କୁ ୨୯ ସେପ୍‌ଟେମ୍ବର ୨୦୦୪ରେ ଦାଖଲ କରିସାରିଛନ୍ତି।

ଆଉ ଅଳ୍ପ କେତେକ ମାସ ପରେ ଏହି ରିପୋର୍ଟ ଦାଖଲ ହେବାର ୨ବର୍ଷ ସମ୍ପୂର୍ଣ୍ଣ ହୋଇଯିବ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟସରକାର ଏହି ରିପୋର୍ଟକୁ ତଥା ଏହା ଉପରେ ନିଆଯାଇଥିବା 'କାର୍ଯ୍ୟାନୁଷ୍ଠାନ ରିପୋର୍ଟ'କୁ ବିଧାନସଭାରେ ଉପସ୍ଥାପିତ କରିନାହାନ୍ତି। ଯେତେବେଳେ କେରଳ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ଭଳି ରାଜ୍ୟମାନେ ସେମାନଙ୍କ ନିଜ ଅର୍ଥକମିଶନ୍‌ଙ୍କ ସୁପାରିଶକୁ ମାନ୍ୟତା ଦେଇ ପଞ୍ଚାୟତକୁ ବେଶ୍‌କିଛି ସମ୍ବଳ ହସ୍ତାନ୍ତର କରି ସାରିଲେଣି, ସେତେବେଳେ ଓଡ଼ିଶା ସରକାର ଦ୍ୱିତୀୟ ଅର୍ଥକମିଶନର ରିପୋର୍ଟକୁ କେବଳ ପ୍ରକାଶନ କରିବାରେ ଟାଳଟୁଳ ଆଚରଣ ଦେଖାଉଛନ୍ତି, ସମ୍ବିଧାନ ନିର୍ଦ୍ଦେଶିତ ପଞ୍ଚାୟତକୁ ସମ୍ବଳ ହସ୍ତାନ୍ତର ଦିଗରେ କୌଣସି ଯଥାର୍ଥ ପଦକ୍ଷେପ ନେବା ଅତି ଦୂରର କଥା।

***ସୁତରାଂ ଓଡ଼ିଶା ସରକାର ତୁରନ୍ତ ଦ୍ୱିତୀୟ ଅର୍ଥ କମିଶନ ରିପୋର୍ଟ (୨୦୦୪) ତଥା ତତ୍ ସଂକ୍ରାନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରକାଶ କରିବା ଆବଶ୍ୟକ, ଯାହାଫଳରେ କି ପଞ୍ଚାୟତକୁ ସମ୍ବଳ ହସ୍ତାନ୍ତର ବ୍ୟାପାରରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଜଡ଼ିତ କରି ଏକ ଅତୀବ ପ୍ରୟୋଜନୀୟ ଜନବିତର୍କ ଆମରାଜ୍ୟରେ ଆରମ୍ଭ ହୋଇପାରିବ।***

### ୧୪. ସରକାରୀ ବିଭାଗଗୁଡ଼ିକ ପଞ୍ଚାୟତର ସମାନ୍ତରାଳ ନହୋଇ ସହାୟକର ଭୂମିକା ନେବାର ପ୍ରୟୋଜନ -

ଏହା ଲକ୍ଷ୍ୟ କରାଯାଇଛି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସେମାନଙ୍କ ଅଧୀନରେ ଥିବା ନିର୍ଦ୍ଦେଶାଳୟମାନେ ଗ୍ରାମପଞ୍ଚାୟତ ସହ ପରାମର୍ଶ ନ କରି ଗ୍ରାମର ଲୋକମାନଙ୍କ ଉପରେ ସିଧାସଳଖ ନିଜର ନିୟନ୍ତ୍ରଣ ଓ କର୍ତ୍ତୃତ୍ୱ ଜାହିର କରିଚାଲିଛନ୍ତି। ଏହାଫଳରେ ପଞ୍ଚାୟତଗୁଡ଼ିକ ସମ୍ବିଧାନ ଓ ଅନ୍ୟାନ୍ୟ ଆଇନ୍‌ଦ୍ୱାରା କ୍ଷମତାପ୍ରାପ୍ତ ହୋଇଥିବା ବିଷୟଗୁଡ଼ିକୁ ଠିକ୍‌ରୂପେ କାର୍ଯ୍ୟକାରୀ କରି ପାରୁନାହାନ୍ତି ଏବଂ ଅନ୍ୟପକ୍ଷରେ ସମ୍ପୃକ୍ତ ବିଭାଗ ଓ ନିର୍ଦ୍ଦେଶାଳୟଗୁଡ଼ିକର ଅଧିକାରୀମାନେ ମଧ୍ୟ ସେମାନଙ୍କ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସୁଦୂର ନିୟନ୍ତ୍ରଣର ଅମଲାତାନ୍ତ୍ରିକ ବଳୟ ମଧ୍ୟରେ ବାନ୍ଧିହୋଇ ତଳସ୍ତରର ବାସ୍ତବ, ନିତିଦିନିଆ ପ୍ରୟୋଜନଗୁଡ଼ିକୁ ଠିକ୍ ସମୟରେ ଓ ଠିକ୍ ଢଙ୍ଗରେ ମେଣ୍ଟାଇ ପାରୁନାହାନ୍ତି। ଏହା ଜଣାଶୁଣା ଯେ, ସମ୍ବିଧାନର ଏକାଦଶ ସାରଣୀରେ ୨୯ଟି ବିଷୟ ସୂଚିତ ହୋଇଛି, ଯେଉଁଗୁଡ଼ିକୁ ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ କରିବା କଥା। ପୁଣି ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ର ଧାରା ୪୪ରେ ୩୦ଟି ବିଷୟର ତାଲିକା ଦିଆଯାଇଛି, ଯେଉଁଗୁଡ଼ିକ କି ଗ୍ରାମପଞ୍ଚାୟତ ନିଜର ଅନିବାର୍ଯ୍ୟ କର୍ତ୍ତବ୍ୟ ରୂପେ ସମ୍ପାଦନ କରିବା କଥା। ତା'ପରେ ସେହି ଆଇନ୍‌ର ଧାରା ୪୫ରେ ୨୫ଟି ବିଷୟର ଏକ ତାଲିକା

ଦିଆଯାଇଛି, ଯେଉଁଗୁଡ଼ିକ କି ଗ୍ରାମପଞ୍ଚାୟତର ସୈଚ୍ଛିକ କର୍ତ୍ତବ୍ୟ, ଅର୍ଥାତ୍ ଗ୍ରାମପଞ୍ଚାୟତ ଯେତେବେଳେ ଚାହିଁବ, ସେତେବେଳେ ସେଥିମଧ୍ୟରୁ କୌଣସି ଏକ ବା ଅନେକ ବିଷୟକୁ ହାତକୁ ନେଇ ପାରିବ । ଏହଛଡ଼ା ଧାରା ୪୯ରେ ସର୍ବସାଧାରଣ ରାସ୍ତା ଓ ଜଳମାର୍ଗ ଗୁଡ଼ିକର ପରିଚାଳନାର କ୍ଷମତା ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇଛି । ଧାରା ୫୦, ୫୧, ୫୨, ୫୩ ଓ ୫୪ରେ ଯଥାକ୍ରମେ ଘରୋଇ ଜଳଯୋଗାଣ, ସର୍ବସାଧାରଣଙ୍କ ପାଇଁ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାର ଉନ୍ନତି, ତଥା ଆବର୍ଜନା ପରିଷ୍କାର ଏବଂ ପାଣିଦଳର ନିଷ୍କାସନର କ୍ଷମତା ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି । ଆଗରୁ କୁହାଯାଇଛି ଯେ, ଧାରା ୫୫ରେ ବିପଜ୍ଜନକ ଓ ମାରାତ୍ମକ ଦ୍ରବ୍ୟ ଉତ୍ପାଦନ କରୁଥିବା ସଂସ୍ଥା ସମେତ ୨୪ ପ୍ରକାର ଶିଳ୍ପ ଓ ବ୍ୟବସାୟିକ ଉଦ୍ୟୋଗ ଗୁଡ଼ିକୁ ଲାଇସେନ୍ସ ଦେବାର କ୍ଷମତା ଗ୍ରାମପଞ୍ଚାୟତର ହିଁ ଅଛି । ଧାରା ୫୮, ୫୯, ୬୦, ୬୨ ଓ ୬୩ରେ ଘରୋଇ ବିକ୍ରିବଟା ଉପରେ ଗ୍ରାମପଞ୍ଚାୟତର ନିୟନ୍ତ୍ରଣ ରହିବ ବୋଲି ବ୍ୟବସ୍ଥା କରାଯାଇଛି । ଧାରା ୬୪ରେ ଶବସଂସ୍କାର, ଏବଂ ଧାରା ୬୫ରେ ଜନ୍ମ, ମୃତ୍ୟୁ ଓ ବିବାହର ପଞ୍ଜିକରଣ କ୍ଷମତା ଗ୍ରାମପଞ୍ଚାୟତକୁ ଦିଆଯାଇଛି । ଧାରା ୬୬ରେ ସଂକ୍ରାମକ ରୋଗଗୁଡ଼ିକ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବା ଏବଂ ଧାରା ୭୦ରେ କୀଟ ନିୟନ୍ତ୍ରଣ ଏବଂ ଉନ୍ନତ ପଶୁପାଳନ ବ୍ୟାପାରରେ ଗ୍ରାମପଞ୍ଚାୟତର କର୍ତ୍ତବ୍ୟ ସୂଚିତ କରାଯାଇଛି । ଏହିପରି ଓ. ଗ୍ରା. ପ. ଆଇନ୍ ୧୯୬୫ ଅନୁଯାୟୀ ଗ୍ରାମପ୍ରଶାସନର ପ୍ରାୟ ସମସ୍ତ କ୍ଷେତ୍ର ଉପରେ ନିଜର କର୍ତ୍ତୃତ୍ୱ ପ୍ରୟୋଗ ପାଇଁ ଗ୍ରାମ ପଞ୍ଚାୟତକୁ କ୍ଷମତା ଦିଆଯାଇଛି ଏବଂ ଏହି ଦୃଷ୍ଟିରୁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ବିଭାଗ କି ନିର୍ଦ୍ଦେଶାଳୟ ଗ୍ରାମପଞ୍ଚାୟତର ପରିସର ମଧ୍ୟରେ ସମାନ୍ତରାଳ ଢଙ୍ଗରେ କୌଣସି କାର୍ଯ୍ୟକ୍ରମ ସିଧାସଳଖ କାର୍ଯ୍ୟକାରୀ କରିବା ଉଚିତ ନୁହେଁ । ଯଦି କୌଣସି କାର୍ଯ୍ୟକ୍ରମ ଏପରି ବିଭାଗ କି ନିର୍ଦ୍ଦେଶାଳୟ ପକ୍ଷେ ନେବାକୁ ପଡ଼େ ତେବେ ସମ୍ପୃକ୍ତ ପଞ୍ଚାୟତି ସଂସ୍ଥା ସହ ପରାମର୍ଶ କରି ତଥା ଘନିଷ୍ଠ ସଂଯୋଗ ରକ୍ଷାକରି ନିଜର ସେହି କାର୍ଯ୍ୟକୁ ହାତକୁ ନେବା ଉଚିତ୍ ।

ଏହା ଛଡ଼ା ଓ. ଗ୍ରା. ପ. ଆଇନ୍ ୧୯୬୫ର ଧାରା ୪୫ (ୟୁ)ରେ କୁହାଯାଇଛି ଯେ, ଗ୍ରାମପଞ୍ଚାୟତକୁ କୌଣସି ସୈଚ୍ଛିକ କର୍ତ୍ତବ୍ୟ ସମ୍ପାଦନରେ ସହଯୋଗ ପ୍ରଦାନ କରିବା ପାଇଁ ଗ୍ରମପଞ୍ଚାୟତ ଦ୍ୱାରା ଏକ ସ୍ୱେଚ୍ଛାସେବକ ବାହିନୀ ଗଠିତ ହୋଇପାରେ । ବର୍ତ୍ତମାନ ଯେତେବେଳେ ଗୋଟିଏ ଗ୍ରାମପଞ୍ଚାୟତକୁ ଅନୁକମ୍ପା ସାହାଯ୍ୟ ଠାରୁ ଆରମ୍ଭ କରି ଉନ୍ନୟନ ପ୍ରକଳ୍ପ ପର୍ଯ୍ୟନ୍ତ ବହୁବିଧ କାର୍ଯ୍ୟକ୍ରମମାନ ହାତକୁ ନେବାକୁ ପଡୁଛି, ସେତେବେଳେ ଏହା ନିହାତି ଆବଶ୍ୟକ ଯେ, ଗ୍ରାମପଞ୍ଚାୟତ ଅଧିନରେ ବିଭିନ୍ନ ଗ୍ରାମକମିଟିମାନ ଗଠିତ ହୋଇ କାର୍ଯ୍ୟକରିବା ଦରକାର । ଏବଂ ପ୍ରତି କମିଟି ଉପରେ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ଭିତରୁ ଗୋଟିଏ ବା ଦିଓଟିର ଦାୟିତ୍ୱ ନ୍ୟସ୍ତ

ରହିବା ଉଚିତ୍, ଯେମିତିକି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ବୈଷୟିକ ତାଲିମ୍, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଓ ଶିଶୁକଲ୍ୟାଣ, ବନ ସୁରକ୍ଷା, ନିର୍ମାଣ କାର୍ଯ୍ୟ ଓ ବିପର୍ଯ୍ୟୟ ପ୍ରବନ୍ଧନ ଇତ୍ୟାଦି । କେନ୍ଦ୍ର ବା ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ବର୍ତ୍ତମାନ ଭଳି ସମାନ୍ତରାଳ ଭାବେ କାର୍ଯ୍ୟ ନକରି ସେମାନଙ୍କ ନିକଟରେ ଥିବା ବୈଷୟିକ ଜ୍ଞାନ କୌଶଳ, ପ୍ରଶାସନିକ ସୂତ୍ର ଏବଂ ବିତ୍ତୀୟ ସମ୍ବଳସମୂହକୁ ଗ୍ରାମପଞ୍ଚାୟତ ସ୍ତରରେ ଥିବା ସମ୍ପୃକ୍ତ ଗ୍ରାମକମିଟିଗୁଡ଼ିକୁ ସହଯୋଗ ସୂତ୍ରରେ ଯୋଗାଇଦେବା ଉଚିତ୍ । ଯଦି ଗ୍ରାମପଞ୍ଚାୟତ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଏଭଳି ଯୌଥ କାର୍ଯ୍ୟପ୍ରକ୍ରିୟା ରୂପ ନେଇପାରେ, ତେବେ ଉଭୟଙ୍କ ଦ୍ୱାରା ଅଲଗା ଅଲଗା ଭାବେ ବ୍ୟବହାର ହେଉଥିବା ଶକ୍ତି ଓ ସମ୍ବଳର ଅପଚୟକୁ ରୋକା ଯାଇପାରନ୍ତା ଏବଂ ଗ୍ରାମ ସ୍ୱରାଜ୍ୟକୁ କେନ୍ଦ୍ରକରି ପରିକଳ୍ପିତ ସାମଗ୍ରୀକ ବିକାଶର ସ୍ୱପ୍ନ ଖୁବ୍ ଶୀଘ୍ର ବାସ୍ତବାୟିତ ହୋଇପାରନ୍ତା ।

***ସୁତରାଂ ୭୩ତମ ସମ୍ବିଧାନ ସଂଶୋଧନର ନିର୍ଦ୍ଦେଶନାମାକୁ ବାସ୍ତବ ରୂପ ଦେବାକୁ ହେଲେ ଓ. ଗ୍ରା. ପ. ଆଇନ୍ ୧୯୬୫କୁ ଆବଶ୍ୟକମତେ ସଂଶୋଧନ କରିବାକୁ ପଡ଼ିବ, ଯାହାଫଳରେ ଉପରୋକ୍ତ ଆଇନ୍ ଦ୍ୱାରା ଗ୍ରାମପଞ୍ଚାୟତ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନ୍ୟସ୍ତ କରାଯାଇଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ଗ୍ରାମପଞ୍ଚାୟତ ନିଜର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ସାବ୍ୟସ୍ତ କରିପାରିବ । ଏବଂ ସାଥେ ସାଥେ ରାଜ୍ୟସରକାରଙ୍କ ମୂଳବିଭାଗଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଆଇନ୍‌ଗୁଡ଼ିକୁ ଏଭଳି ସଂଶୋଧନ କରିବାକୁ ପଡ଼ିବ, ଯାହାଫଳରେ ସେମାନେ ଗ୍ରାମପଞ୍ଚାୟତର ସହଯୋଗୀ ସଂସ୍ଥାରୂପେ ନିଜର ଭୂମିକା ଓ ସେବା ପ୍ରଦାନ କରିପାରିବେ ଏବଂ ବିଶେଷ କରି ଗ୍ରାମର ସାମଗ୍ରୀକ ଓ ସମ୍ବନ୍ଧିତ ବିକାଶର ସ୍ୱାର୍ଥରେ ସେମାନେ ସେହି ପ୍ରକାର କାର୍ଯ୍ୟ ଗ୍ରାମଭିତରେ ହାତକୁ ନେବେ, ଯାହାକି ଗ୍ରାମପଞ୍ଚାୟତ ସେମାନଙ୍କ ଠାରୁ ଆଶାକରେ ।***

**୧୫. ଗ୍ରାମପଞ୍ଚାୟତକୁ ତଦାରଖ ଓ ନିୟନ୍ତ୍ରଣର କ୍ଷମତା ତ୍ରିସ୍ତରୀୟ ପଞ୍ଚାୟତିରାଜ ଭିତରେ ହିଁ ଅଙ୍ଗୀଭୂତ ହୋଇ ରହିବାର ଆବଶ୍ୟକତା -**

ଏହା ଲକ୍ଷ୍ୟ କରାଯାଉଛି ଯେ, ବହୁ ପଞ୍ଚାୟତ ପ୍ରତିନିଧିମାନେ, ସେମାନଙ୍କୁ ଯେଉଁ ସ୍ୱଳ୍ପ ଓ ଆଶିଂକ ଆର୍ଥିକ- ପ୍ରଶାସନିକ କ୍ଷମତା ଦିଆଯାଇଛି, ତହିଁର ଅପବ୍ୟବହାର କରୁଛନ୍ତି । ଯାହାଫଳରେ ସମଗ୍ର ସମାଜର ନୈତିକ ଓ ଅନ୍ୟପ୍ରକାର କ୍ଷତି ଘଟି ଚାଲିଛି ଏବଂ ବିଶେଷକରି ଯେଉଁ ଲୋକମାନଙ୍କ ଦ୍ୱାରା ସେମାନେ ନିର୍ବାଚିତ ହୋଇଛନ୍ତି ସେମାନଙ୍କ ପ୍ରତି ବିଶ୍ୱାସଭଙ୍ଗ କରାଯାଉଛି ।

ଆମରାଜ୍ୟରେ ସାମ୍ପ୍ରତିକ ଢାଞ୍ଚାର ପଞ୍ଚାୟତି ବ୍ୟବସ୍ଥା କାର୍ଯ୍ୟକାରୀ ହେବାଦିନଠୁଁ ଏହି ବିଷମ ସମସ୍ୟା ସମାଜର ଚେତନଶୀଳ ନାଗରିକଙ୍କୁ ଘାରି ରଖିଛି । ବସ୍ତୁତଃ ପଞ୍ଚାୟତିରାଜ ଭଳି ବ୍ୟବସ୍ଥା ଯଥୋଚିତ ଓ ସୁଦକ୍ଷ ଢଙ୍ଗରେ କାର୍ଯ୍ୟ କରିପାରିବ, ଯଦି ଏହା ଭିତରେ ଏକ ମଜଭୁତ୍ ତଦାରଖ ଓ ନିୟନ୍ତ୍ରଣର ପ୍ରକ୍ରିୟା ଅଙ୍ଗୀଭୂତ ହୋଇ ରହିପାରନ୍ତା । କିନ୍ତୁ ଠିକ୍ ଏହି ବ୍ୟାପାରରେ ହିଁ ବର୍ତ୍ତମାନର ପଞ୍ଚାୟତି ବ୍ୟବସ୍ଥା ପୁରାପୁରି ଓଲଟା ଢଙ୍ଗରେ ଗତିକରୁଛି । ବର୍ତ୍ତମାନ ଏଭଳି କୌଣସି ତଦାରଖ ଓ ନିୟନ୍ତ୍ରଣର ପଦ୍ଧତି ନାହିଁ, ଯଦ୍ୱାରା କିଛି ଭୁଲ୍‌ଭଟକା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରିହେବ । ବର୍ତ୍ତମାନ ବସ୍ତୁତଃ ଏକ ଦ୍ୱୈତ ବ୍ୟବସ୍ଥା ରହିଛି, ଯେଉଁଥିରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ କେତେକ ଆଳଙ୍କାରିକ କ୍ଷମତାର ଅଧିକାରୀ ହୋଇଥିବା ବେଳେ ପ୍ରକୃତ କ୍ଷମତାସବୁ ପ୍ରଶାସନରେ ଅବସ୍ଥାପିତ ଅଣନିର୍ବାଚିତ ଅଧିକାରୀମାନଙ୍କ ହାତରେ ନ୍ୟସ୍ତ ଅଛି । ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଓଡ଼ିଶାର ବିଭିନ୍ନ ଆଇନ୍‌ରେ ଏଭଳି ବହୁ ବ୍ୟବସ୍ଥାମାନ ଅଛି, ଯଦ୍ୱାରା ପଞ୍ଚାୟତି ସଂସ୍ଥାଗୁଡ଼ିକୁ କିଛି କ୍ଷମତା ମିଳିଛି ବୋଲି ବାହାରକୁ ଜଣାପଡୁଥିଲେ ହେଁ, ସେଗୁଡ଼ିକ ଦ୍ୱାରା ଏହି ସଂସ୍ଥାମାନେ ବାସ୍ତବପକ୍ଷେ ପ୍ରଶାସନିକ କର୍ମକର୍ତ୍ତାମାନଙ୍କ ବୋଲକରା ଭାବେ ଆଚରଣ କରିବାକୁ ବାଧହେଉଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଓ. ଗ୍ରା. ପ. ଆଇନ୍ ୧୯୬୫ର ଏକାଦଶ ଅଧ୍ୟାୟ (ନିୟନ୍ତ୍ରଣ) ଅଧିନସ୍ଥ ଧାରା ୧୦୯ରୁ ୧୨୧ରେ ଜିଲ୍ଲାପାଳ ଏବଂ ତାଙ୍କ ମନୋନୀତ ଅଧିକାରୀ ଚାହିଁବା ମାତ୍ରେ ଗ୍ରାମପଞ୍ଚାୟତର ଯେକୌଣସି କାର୍ଯ୍ୟକୁ ନିରୀକ୍ଷଣ, ତଦାରଖ ଓ ନିୟନ୍ତ୍ରଣ କରିପାରିବେ ବୋଲି ବ୍ୟବସ୍ଥା ଅଛି । କେବଳ ଏତିକି ନୁହେଁ, ଗୋଟିଏ ଗ୍ରାମପଞ୍ଚାୟତର ପ୍ରସ୍ତାବକୁ ଖାରଜ କରିଦେବାର କ୍ଷମତା ଉପଜିଲ୍ଲାପାଳଙ୍କୁ ଦିଆଯାଇଛି, ତଥା ଏକ ଗ୍ରାମପଞ୍ଚାୟତକୁ ଭଙ୍ଗ କରିଦେବାର ଏବଂ ଗୋଟିଏ ସରପଞ୍ଚଙ୍କୁ ନିଲମ୍ବନ କରିଦେବାର କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି । ଏ ପ୍ରକାର ସ୍ଥିତିରେ ପଞ୍ଚାୟତ ପ୍ରତିନିଧିମାନେ ସେମାନଙ୍କୁ ନିର୍ବାଚିତ କରୁଥିବା ଲୋକମାନଙ୍କ ପ୍ରତି ଉତ୍ତରଦାୟୀ ରହିବା ପରିବର୍ତ୍ତେ ଜିଲ୍ଲା, ସବ୍‌ଡ଼ିଭିଜନ୍ ଓ ବ୍ଲକ୍ ସ୍ତରର ପ୍ରଶାସନିକ ଅଧିକାରୀମାନଙ୍କ ଆଜ୍ଞାବହ ହୋଇ ରହିବାକୁ ବାଧ ହେଉଛନ୍ତି । ପୁଣି ଏହି ଅଧିକାରୀମାନେ ପଞ୍ଚାୟତର ନିଷ୍ପତ୍ତିକୁ ସମ୍ମାନଦେବା ପରିବର୍ତ୍ତେ ସର୍ବୋଚ୍ଚ ସ୍ତରରେ ଥିବା କର୍ତ୍ତୃପକ୍ଷମାନଙ୍କର ଇଚ୍ଛା ଆକାଂକ୍ଷା ଅନୁଯାୟୀ କାର୍ଯ୍ୟକରିବାକୁ ବାଧ ହେଉଛନ୍ତି, କାରଣ ଏହି ଅଧିକାରୀମାନଙ୍କର ଚାକିରୀ ଓ ବଦଳି ଇତ୍ୟାଦି ବ୍ୟାପାର ସେହି ଉପରିସ୍ଥ କର୍ତ୍ତୃପକ୍ଷମାନଙ୍କ ଉପରେ ନିର୍ଭର କରୁଛି । ଏହିପରି ଦେଖିବାକୁ ଗଲେ, ଯେକୌଣସି ସ୍ତରର ପଞ୍ଚାୟତ ପ୍ରତିନିଧିମାନଙ୍କର ଆନୁଗତ୍ୟ ତଳସ୍ତରରେ ଥିବା ଲୋକମାନଙ୍କ ପ୍ରତି ନିବିଷ୍ଟ ନରହି ପ୍ରଶାସନର ବିଭିନ୍ନ ସ୍ତରର

ଅଧିକାରୀମାନଙ୍କ ପ୍ରତି କାଏମ୍ ରହୁଛି । ପଞ୍ଚାୟତରାଜ ବ୍ୟବସ୍ଥାରେ ଉତ୍ତରଦାୟିତ୍ୱକୁ କେନ୍ଦ୍ରକରି ଏଭଳି ଏକ ବିଶୃଙ୍ଖଳ ସ୍ଥିତିରେ କୌଣସି ଏକ ଅଘଟଣ ପାଇଁ କାହାରି ଉପରେ ଉତ୍ତରଦାୟିତ୍ୱକୁ ବିନିର୍ଦ୍ଦିଷ୍ଟ ଭାବେ ଥାପି ଦେଇ ହେବନି । ଏହାର ଫଳ ସ୍ୱରୂପ, ଯେତେବେଳେ ପଞ୍ଚାୟତ ସ୍ତରର କୌଣସି ଦୁର୍ନୀତି ବା ହେରାଫେରି ପଦାକୁ ଆସେ, ସେତେବେଳେ ପଞ୍ଚାୟତ ପ୍ରତିନିଧିମାନେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀ କରିଥାନ୍ତି ଏବଂ ପ୍ରଶାସନିକ ଅଧିକାରୀମାନେ ଅପରପକ୍ଷେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଦୋଷୀ କରିଥାନ୍ତି । ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଭିତରେ ପରସ୍ପରକୁ କାଦୁଅ ଫିଙ୍ଗିବା ପ୍ରକ୍ରିୟାରେ ପଞ୍ଚାୟତର କୌଣସି ଲାଭ ହୋଇନଥାଏ ।

ସୁତରାଂ ମୂଳ ପ୍ରଶ୍ନ ଉଠୁଛି, ତ୍ରିସ୍ତରୀୟ ପଞ୍ଚାୟତି ବ୍ୟବସ୍ଥା ଭିତରେ କିଭଳି ତଦାରଖ ଓ ନିୟନ୍ତ୍ରଣର ଏକ ପକ୍କା ପଦ୍ଧତିକୁ ସ୍ଥାନିତ କରାଯାଇ ପାରିବ, ଯେଉଁଥିରେ କି ପ୍ରତିସ୍ତରରେ ପଞ୍ଚାୟତି ସଂସ୍ଥାର ସ୍ୱୟଂକ୍ରିୟ ପରିଚାଳନାକୁ ସୁନିଶ୍ଚିତ କରିବାପାଇଁ ପ୍ରଶାସନିକ ଅଧିକାରୀମାନେ କେବଳ ସହାୟକର ଭୂମିକା ନେଇପାରିବେ । ସୁନିର୍ଦ୍ଦିଷ୍ଟ ଭାବେ କହିଲେ, ଜିଲ୍ଲା ପରିଷଦ ପଞ୍ଚାୟତ ସମିତିର ତଦାରଖ ଓ ନିୟନ୍ତ୍ରଣ କରିବ, ଏବଂ ପଞ୍ଚାୟତ ସମିତି ଗ୍ରାମପଞ୍ଚାୟତକୁ କରିବ । ଯେହେତୁ ଲୋକମାନେ ଭୋଟ୍‌ଦେଇ ଗୋଟିଏ ପଞ୍ଚାୟତ ସଂସ୍ଥାକୁ ଗଢ଼ିଥାଆନ୍ତି, ସେମାନଙ୍କ ହାତରେ ହିଁ ଚୁଡ଼ାନ୍ତ ନିୟନ୍ତ୍ରଣ ନ୍ୟସ୍ତ ରହିବା ବିଧେୟ । ସୁତରାଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଲୋକମାନେ ଚାହିଁବାମାତ୍ରେ ପ୍ରତ୍ୟାହାର କରି ଆଣି ପାରିବାର କ୍ଷମତା ସମ୍ପୃକ୍ତ ପଞ୍ଚାୟତ ସମ୍ବନ୍ଧିତ ଆଇନ୍‌ରେ ସ୍ଥାନ ପାଇବା ଜରୁରୀ ଅଟେ ।

***ସୁତରାଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାପାଇଁ ଏକ ମୌଳିକ ବୈଧାନିକ ସଂସ୍କାରର ପ୍ରୟୋଜନ ରହିଛି । ଏହି ସଂସ୍କାରର ତିନୋଟି ବିନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହେବ - (କ) ପ୍ରଶାସନିକ ଅଧିକାରୀମାନେ ବର୍ତ୍ତମାନ ପଞ୍ଚାୟତି ସଂସ୍ଥାଗୁଡ଼ିକର ନିୟନ୍ତ୍ରକ ଭୂମିକାରୁ ଓହରିଯାଇ ତହିଁର ସ୍ୱୟଂକ୍ରିୟ ସ୍ୱରିଚାଳନାରେ ସହାୟକ ଭାବେ କାର୍ଯ୍ୟ କରିବେ; (ଖ) ପଞ୍ଚାୟତି ରାଜ ବ୍ୟବସ୍ଥା ଭିତରେ ଗୋଟିଏ ପଞ୍ଚାୟତି ସଂସ୍ଥାକୁ ତଦାରଖ ଓ ନିୟନ୍ତ୍ରଣ କରିବାର କ୍ଷମତା ତହିଁର ଠିକ୍ ଉପରସ୍ତରର ପଞ୍ଚାୟତି ସଂସ୍ଥା ହାତରେ ନ୍ୟସ୍ତ ରହିବ; ତଥା (ଗ) ଯେତେବେଳେ ଭୋଟରମାନେ ଅନୁଭବ କରିବେ ଯେ, ପଞ୍ଚାୟତ ପ୍ରତିନିଧିମାନେ ବିପଥଗାମୀ ହୋଇ ସେମାନଙ୍କର ଆସ୍ଥା ହରାଇ ବସିଛନ୍ତି, ସେତେବେଳେ ସେହି ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରତ୍ୟାହାର କରି ଆଣିବା ଏବଂ ସେମାନଙ୍କ ଜାଗାରେ ନୂତନ ପ୍ରତିନିଧିଙ୍କୁ ନିର୍ବାଚିତ କରିବାର ପାଇଁ ବୈଧାନିକ କ୍ଷମତା ଭୋଟର୍‌ମାନଙ୍କର ରହିଥିବ ।***

**୧୬. ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତ ସମ୍ପ୍ରସାରଣ ବା ପେସା ଆଇନ୍ ୧୯୯୬ର କାର୍ଯ୍ୟକାରୀତା ସମ୍ବନ୍ଧରେ -**

ସମ୍ବିଧାନରେ ବର୍ଣ୍ଣିତ ୫ମ ଅନୁସୂଚୀ ଅଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତୀକରଣ ଉଦ୍ଦେଶ୍ୟରେ ପେସା ଆଇନ୍ ଚାଲୁ ହେବାର ପ୍ରାୟ ୧୦ ବର୍ଷ ବିତିଗଲାଣି । ଓଡ଼ିଶା ସରକାର ମଧ୍ୟ ପେସା ଆଇନ୍‌କୁ ଗ୍ରହଣ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ଆଇନ୍ ୧୯୯୭ରେ ପ୍ରଣୟନ କରିଛନ୍ତି । ମୋଟ ଉପରେ କହିଲେ ଆଦିବାସୀ ଓ ଆଦିମ ଜନଜାତି ଅଧ୍ୟୁଷିତ ଏହିସବୁ ଅଞ୍ଚଳରେ ସ୍ଥାନୀୟ ଲୋକମାନଙ୍କ ସାମାଜିକ ଓ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବଜାର ରଖିବା ସହିତ ସେମାନେ ଯେପରି ନିଜ ଉନ୍ନୟନ ପ୍ରକ୍ରିୟାର ନିଜେ ନିୟାମକ ହୋଇ କାର୍ଯ୍ୟ କରିବେ, ସେଦିଗରେ ସେମାନଙ୍କୁ ସମର୍ଥ କରିବା ପାଇଁ ଏହି ପେସା ଆଇନ୍ ଗୃହୀତ ହୋଇଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତିର ଅନୁଧ୍ୟାନରୁ ଜଣାପଡ଼େ ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଆଇନ୍‌ର ପ୍ରଭାବ ଅନୁସୂଚିତ ଅଞ୍ଚଳରେ ଅତୀବ ନଗଣ୍ୟ । ସୁତରାଂ ପେସା ଆଇନ୍‌ର ଯଥାର୍ଥ କାର୍ଯ୍ୟକାରିତା ପାଇଁ ନିମ୍ନୋକ୍ତ ପ୍ରୟୋଜନ ଗୁଡ଼ିକୁ ଧ୍ୟାନ ଦିଆଯାଉ ।

କ) **ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା :** ପେସା ଆଇନ୍‌ର ଧାରା ୪ (ଏମ୍)ରେ କୁହାଯାଇଛି ଯେ, ଲଘୁ ବନଜାତ ଦ୍ରବ୍ୟର ମାଲିକାନା ଗ୍ରାମସଭା ଓ ଗ୍ରାମପଞ୍ଚାୟତ ହାତରେ ନ୍ୟସ୍ତ ରହିବ । କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ଓଡ଼ିଶାର ଅନୁସୂଚିତ ଅଞ୍ଚଳଗୁଡ଼ିକରେ ଏହି ମାଲିକାନା କେବଳ ନାମକୁ ମାତ୍ର ପଞ୍ଚାୟତ ହାତରେ ଅଛି । କିନ୍ତୁ ଏହାର ସଂଗ୍ରହ, ପ୍ରକ୍ରିୟା-କରଣ ଓ ବିକ୍ରିବଟା ପ୍ରକୃତ ପକ୍ଷେ ଜଙ୍ଗଲ ବିଭାଗ ହାତରେ ପୂର୍ବଭଳି ରହିଛି ଓ ପଞ୍ଚାୟତର ପୂର୍ବାନୁମୋଦନ ବିନା ବାହାର ବ୍ୟବସାୟୀମାନେ ଜଙ୍ଗଲ ବିଭାଗରୁ ଅନୁମତି ଆଣି ପଞ୍ଚାୟତ ପରିସର ମଧ୍ୟରେ ଲଘୁବନଜାତ ଦ୍ରବ୍ୟର ବେପାରକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି । ସୁତରାଂ ପେସା ଆଇନ୍‌ର ନିର୍ଦ୍ଦେଶନା ମତେ ଲଘୁବନଜାତ ଦ୍ରବ୍ୟର କାରବାର ସଂକ୍ରାନ୍ତ ସମସ୍ତ ବ୍ୟାପାରକୁ ଗ୍ରାମସଭା ଓ ଗ୍ରାମପଞ୍ଚାୟତ ହାତରେ ନ୍ୟସ୍ତ କରାଯାଉ ।

ଖ) **ଜମି ଅଧିଗ୍ରହଣ ଓ ଥଇଥାନ ନୀତି :** ପେସା ଆଇନ୍‌ର ଧାରା ୪ (ଜେ) ରେ କୁହାଯାଇଛି ଯେ, ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପୂର୍ବରୁ ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ଚୂଡ଼ାନ୍ତ ହେବା ପୂର୍ବରୁ ଗ୍ରାମସଭା ବା ଗ୍ରାମପଞ୍ଚାୟତ ସହ ପରାମର୍ଶ କରାଯିବ । କିନ୍ତୁ ବସ୍ତୁତଃ ଏହି ବ୍ୟବସ୍ଥା କେବଳ କାଜଗକଲମରେ ହିଁ ଅଟକି ଯାଇଛି । କୌଣସି ପ୍ରକଳ୍ପ ପାଇଁ ସରକାର ଯେନତେନ ପ୍ରକାରେଣ ଜମି ଅଧିଗ୍ରହଣ କରୁଛନ୍ତି ଓ ଯାଇତାଇ ଢଙ୍ଗରେ ବିସ୍ଥାପିତ ଲୋକଙ୍କୁ ଥଇଥାନ କରୁଛନ୍ତି । ବିକ୍ଷୁବ୍ଧ ଲୋକେ ପ୍ରତିବାଦ କଲେ ବି ସେମାନଙ୍କ ସ୍ୱାର୍ଥ ଓ କଥାକୁ

ଧ୍ୟାନ ଦିଆଯାଉ ନାହିଁ । ସୁତରାଂ ପେସା ଆଇନ୍‌କୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାକୁ ହେଲେ ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର ସମ୍ପୂର୍ଣ୍ଣ ସହମତି ବିନା ଜମି ଅଧିଗ୍ରହଣ ବା ପୁନର୍ବାସ ଓ ପୁନଃସଂସ୍ଥାନ ସମ୍ବନ୍ଧରେ କୌଣସି ପ୍ରସ୍ତାବ ଚୁଡ଼ାନ୍ତ ହୋଇପାରିବ ନାହିଁ ବୋଲି 'ପେସା'ରେ ଥିବା ବ୍ୟବସ୍ଥାକୁ ପାଳନ କରାଯାଉ ।

ଗ) **ଖଣିଶିଳ୍ପ ଉପରେ କଟକଣା :** ପେସା ଆଇନ୍ ଧାରା ୪(କେ.ଓ ଏଲ୍.)ରେ କଟକଣା ରହିଛି ଯେ, ଲଘୁ ଖଣିଜ ସମ୍ପଦର ଅନୁସନ୍ଧାନ ବା ଉତ୍ତୋଳନ ପାଇଁ ଅଥବା ଉପଯୋଗ ପାଇଁ ଗ୍ରାମସଭା ବା ଗ୍ରାମପଞ୍ଚାୟତର ପୁର୍ବାନୁମୋଦନ ଅପରିହାର୍ଯ୍ୟ । କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ଏହି ବ୍ୟବସ୍ଥାର ଉଲ୍ଲଂଘନ କରାଯାଇ ଅନୁସୂଚିତ ଅଞ୍ଚଳମାନଙ୍କରେ ଖଣିଜ ସମ୍ପଦ ଉତ୍ତୋଳନ ଓ ଉତ୍ପାଦନ ଅବାରିତ ଗତିରେ ସରକାରୀ ପ୍ରୋତ୍ସାହନରେ ଆଗେଇ ଚାଲିଛି । ଏହାଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ବିକ୍ଷୋଭ ଓ ଅସନ୍ତୋଷ ମଧ୍ୟ ବଢ଼ିବଢ଼ି ଚାଲିଛି । ସୁତରାଂ, ପେସା ଆଇନ୍‌କୁ କାର୍ଯ୍ୟକାରୀ କରିବାକୁ ହେଲେ ଖଣିଜ ସମ୍ପଦର ଉତ୍ତୋଳନ ଓ ଉପଯୋଗ ପାଇଁ ଗ୍ରାମସଭା ବା ଗ୍ରାମ ପଞ୍ଚାୟତର ପୁର୍ବାନୁମୋଦନକୁ ବାଧ୍ୟତାମୂଳକ କରିବାକୁ ପଡ଼ିବ ।

ଘ) **ଷଷ୍ଠ ଅନୁସୂଚୀର ମଡେଲ :** ଧାରା ୪(ଓ)ରେ କୁହାଯାଇଛି ଯେ, ଷଷ୍ଠ ଅନୁସୂଚୀ ଅଞ୍ଚଳରେ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପଞ୍ଚାୟତ ଗୁଡ଼ିକୁ ସ୍ୱୟଂଚାଳିତ କରିବା ପାଇଁ ଯେଉଁଭଳି ପ୍ରଶାସନିକ ବ୍ୟବସ୍ଥାମାନ କରାଯାଇଥାଏ, ପଞ୍ଚମ ଅନୁସୂଚୀ ଅଞ୍ଚଳରେ ତହିଁର ଅନୁରୂପ ବ୍ୟବସ୍ଥା ଚାଲୁ କରିବାପାଇଁ ପ୍ରତି ରାଜ୍ୟ ସରକାର ଆବଶ୍ୟକୀୟ ବୈଧାନିକ ସଂସ୍କାର ଆଣିବେ । କିନ୍ତୁ ବିଡ଼ମ୍ବନାର ବିଷୟ, ଷଷ୍ଠ ଅନୁସୂଚୀରେ ପଞ୍ଚାୟତକୁ ଦିଆଯାଇଥିବା ସୁଦୂରପ୍ରସାରୀ କ୍ଷମତା କଥା ଦୂରେ ଥାଉ, ପଞ୍ଚମ ଅନୁସୂଚୀ ଅନ୍ତର୍ଗତ ସୀମିତ କ୍ଷମତାକୁ ପଞ୍ଚାୟତ ହାତରେ ନ୍ୟସ୍ତ କରିବା ଦିଗରେ ଓଡ଼ିଶା ସରକାର ସଯତ୍ନ ଉଦ୍ୟମ ଆରମ୍ଭ କରି ନାହାନ୍ତି । ସୁତରାଂ ବର୍ତ୍ତମାନ ପ୍ରଥମେ ପଞ୍ଚମ ଅନୁସୂଚୀ ଅନ୍ତର୍ଗତ ସମସ୍ତ କ୍ଷମତାକୁ ପଞ୍ଚାୟତ ହାତରେ ନ୍ୟସ୍ତ କରି ଷଷ୍ଠ ଅନୁସୂଚୀ ଅନ୍ତର୍ଗତ ବ୍ୟାପକ କ୍ଷମତାର ହସ୍ତାନ୍ତର ସମ୍ବନ୍ଧରେ ଜନବିତର୍କ କରାଯାଉ ।

ଙ) **ସାମାଜିକ ସଂସ୍ଥା ଓ କର୍ମକର୍ତ୍ତାଙ୍କ ଉପରେ ନିୟନ୍ତ୍ରଣ :** ଧାରା ୪ (ଏମ୍-୬)ରେ କୁହାଯାଇଛି ଯେ, ପ୍ରତି ସାମାଜିକ କ୍ଷେତ୍ରରେ କ୍ରିୟାଶୀଳ ଥିବା ସମସ୍ତ ସଂସ୍ଥା ଓ କର୍ମକର୍ତ୍ତାମାନଙ୍କ ଉପରେ ନିୟନ୍ତ୍ରଣର କ୍ଷମତା ଗ୍ରାମସଭା ଓ ଗ୍ରାମପଞ୍ଚାୟତ ହାତରେ ନ୍ୟସ୍ତ କରିବା ପାଇଁ ରାଜ୍ୟ ଆଇନ୍‌ସଭା ଆବଶ୍ୟକୀୟ ବୈଧାନିକ ସଂସ୍କାର ପ୍ରବର୍ତ୍ତନ କରିବେ । କିନ୍ତୁ ଦେଖାଯାଉଛି ଯେ, ଅନୁସୂଚୀତ ଅଞ୍ଚଳରେ ଗ୍ରାମସଭା ଓ ଗ୍ରାମପଞ୍ଚାୟତର ଏ ପ୍ରକାର କୌଣସି କ୍ଷମତା

ନାହିଁ, ବରଂ ସେମାନେ ପ୍ରତି ବ୍ୟାପାରରେ ଉପରିସ୍ଥ ସରକାରୀ କର୍ତ୍ତୃପକ୍ଷ ଓ କର୍ମକର୍ତ୍ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ପଡ଼ିଛନ୍ତି । ଏହା ଫଳରେ ପେସା ଆଇନ୍‌ର ମୂଳ ଉଦ୍ଦେଶ୍ୟ ଗଭୀର ଭାବେ ବ୍ୟାହତ ହୋଇ ପଡ଼ିଛି । ସୁତରାଂ ପେସା ଆଇନ୍‌କୁ ପ୍ରକୃତ ଅର୍ଥରେ ବାସ୍ତବ ରୂପ ଦେବାକୁ ହେଲେ ଗ୍ରାମସଭା ଓ ଗ୍ରାମପଞ୍ଚାୟତ ଏବଂ ଏହାର ଉପର ଦୁଇ ସ୍ତରର ପଞ୍ଚାୟତ ହାତରେ ସେହିସବୁ ସ୍ତରର ପ୍ରଶାସନିକ ସଂସ୍ଥାଗୁଡ଼ିକର ପରିଚାଳନା ଓ ନିୟନ୍ତ୍ରଣ ଭାର ନ୍ୟସ୍ତ କରିବାକୁ ପଡ଼ିବ ।

**୧୭. ପଞ୍ଚାୟତ ମାଧ୍ୟମରେ ଜାତୀୟ ଗ୍ରାମ୍ୟ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ୨୦୦୫ର କାର୍ଯ୍ୟକାରିତା ସମ୍ବନ୍ଧରେ -**

୨ ଫେବୃଆରୀ ୨୦୦୬ ରୁ ଅନ୍ୟାନ୍ୟ ପ୍ରଦେଶ ଭଳି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହି ଆଇନ୍‌ର କାର୍ଯ୍ୟକାରିତା ଆରମ୍ଭ ହୋଇଥିଲେ ହେଁ ତଳସ୍ତରରେ ସାଧାରଣ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବାର ଲକ୍ଷ୍ୟ କରାଯାଏ । ସୁତରାଂ, ଏହି ଆଇନ୍ ଅନୁଯାୟୀ ଓଡ଼ିଶା ପାଇଁ ଉପଯୁକ୍ତ ଯୋଜନା (ସ୍କିମ୍) ଓ ନିୟମାବଳୀ (ରୁଲ୍‌ସ୍) ପ୍ରଣୟନ କରାଯିବା ସହିତ ସେଗୁଡ଼ିକୁ ଯଥାର୍ଥ ଢଙ୍ଗରେ କାର୍ଯ୍ୟକାରୀ କରେଇବାର ଜରୁରୀ ଆବଶ୍ୟକତା ଅନୁଭୁତ ହେଉଛି । ବିଶେଷକରି ନିମ୍ନୋକ୍ତ ପ୍ରୟୋଜନଗୁଡ଼ିକୁ ଆଖି ଆଗରେ ରଖି ଏହି ଆଇନ୍‌ଟି କାର୍ଯ୍ୟକାରୀ ହେବା ଦରକାର ।

କ) ଏହି ଆଇନ୍‌ର ଧାରା ୧୩ ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତରାଜ ସଂସ୍ଥାମାନେ ଯଥା, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ପ୍ରମୁଖ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ବୋଲି ଘୋଷିତ ହୋଇଥିବାରୁ ଏହିସବୁ ସଂସ୍ଥାମାନଙ୍କର ନିଷ୍ପତ୍ତିଗ୍ରହଣ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ପ୍ରଶାସକମାନେ ନିୟନ୍ତ୍ରକ ବଦଳରେ ସହାୟକର ଭୂମିକା ଅବଲମ୍ବନ କରିବା ବିଧେୟ ।

ଖ) ଏହି ଆଇନ୍‌ର ଧାରା ୧୬ (୧) ରେ ପ୍ରକଳ୍ପ ଚିହ୍ନଟୀକରଣ, କାର୍ଯ୍ୟାନ୍ୱୟନ ଏବଂ ତତ୍ତ୍ୱାବଧାନର ଦାୟିତ୍ୱ ଗ୍ରାମସଭା/ପଲ୍ଲୀସଭା ଉପରେ ନ୍ୟସ୍ତ ହୋଇଥିବାରୁ ସେହି ସ୍ତରରେ ପ୍ରସ୍ତୁତ ହେଉଥିବା କାର୍ଯ୍ୟଯୋଜନାକୁ ଉପର ସ୍ତରରେ ମୌଳିକ ଭାବେ ଅଦଳବଦଳ କରାନଯାଉ ।

ଗ) ଧାରା ୧୬(୫)ରେ ଶତକଡ଼ା ୫୦ ଭାଗ କାର୍ଯ୍ୟକ୍ରମ ଗ୍ରାମପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ଥିଲେ ମଧ୍ୟ ବାକି ଶତକଡ଼ା ୫୦ ଭାଗ କାର୍ଯ୍ୟକ୍ରମର କାଯ୍ୟାନ୍ୱୟନ ଓ ତଦାରଖ କ୍ଷମତା ଗ୍ରାମପଞ୍ଚାୟତ ହାତରେ ନ୍ୟସ୍ତ ରହୁ ।

ଘ) ଏହି ଆଇନ୍ ଅଧିନରେ ଯେକୌଣସି କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ହିସାବ ଓ କାଗଜପତ୍ର ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା ୪ (୧ବି) ଅନ୍ତର୍ଗତ ସ୍ୱୟଂପ୍ରକଟନୀୟ ସୂଚନା

ରୂପେ ସାଧାରଣ ଲୋକଙ୍କ ଅବଗତି, ନିରୀକ୍ଷଣ ଓ ହାସଲ ନିମନ୍ତେ ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁସ୍ତରରେ ସଜ୍ଜୀକୃତ ହୋଇ ରହିବା ବିଧେୟ ଏବଂ କେହି ବ୍ୟକ୍ତି ଚାହିଁବା ମାତ୍ରେ ସର୍ବନିମ୍ନ ଖର୍ଚ୍ଚରେ ତାଙ୍କୁ ଏହାର ନକଲ ଯୋଗାଇ ଦିଆଯିବା ଆବଶ୍ୟକ । (ଦ୍ରଷ୍ଟବ୍ୟ- ସାରଣୀ ୧ର ବିନ୍ଦୁ୧୬)

ଙ) ଆଇନ୍‌ର ଧାରା ୭ ଅନୁଯାୟୀ ଜଣେ ପଞ୍ଜିକୃତ ଶ୍ରମିକ କାର୍ଯ୍ୟପାଇଁ ଆବେଦନ କରିବାର ୧୫ ଦିନ ଭିତରେ ନିଯୁକ୍ତି ନ ପାଇଲେ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର । ସେହିପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମଜୁରୀ ନମିଳିଲେ ସମ୍ପୃକ୍ତ ଶ୍ରମିକ ମଜୁରୀ ପ୍ରଦାନ ଆଇନ୍ ୧୯୩୬ ଅନୁଯାୟୀ କ୍ଷତି ପୂରଣ ପାଇବା କଥା । ଏହି ସବୁ ପାଉଣା ଯେମିତି ଶ୍ରମିକମାନଙ୍କୁ ଖୁବ୍‌ଶୀଘ୍ର ଏବଂ ସହଜରେ ମିଳିପାରିବ, ତହିଁର ବ୍ୟବସ୍ଥା ସୁନିଶ୍ଚିତ ହେବା ଦରକାର ।

ଚ) ଏହି ଆଇନ୍‌ର କୌଣସି ଉଲ୍ଲଂଘନ କି ବ୍ୟତିକ୍ରମ କାରଣରୁ ଯେକୌଣସି ବ୍ୟକ୍ତି ଅଭିଯୋଗ ଦାଏର୍ କରିପାରନ୍ତି ଏବଂ ଏହା ୭ଦିନ ମଧ୍ୟରେ ଫଇସଲା ହେବାର ବ୍ୟବସ୍ଥା ରହିଛି । (ଦ୍ରଷ୍ଟବ୍ୟ ଧାରା ୨୩)। ସୁତରାଂ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସ୍ତରରେ ଅଭିଯୋଗକାରୀଙ୍କୁ ଅଭିଯୋଗ ପତ୍ରର ପ୍ରାପ୍ତିସ୍ୱୀକାର ରସିଦ ପ୍ରଦାନ କରିବା ବ୍ୟବସ୍ଥା ରଖିବା ସହିତ ପ୍ରତିସ୍ତରରେ ଏକାଧିକ ବେସରକାରୀ ସଭ୍ୟଙ୍କୁ ନେଇ ଅଭିଯୋଗ-ବିଚାରକ ମଣ୍ଡଳୀ ଗଠନ କରି ପ୍ରତି ଅଭିଯୋଗର ସମୟବଦ୍ଧ ଫଇସଲା କରିବା ବାଞ୍ଛନୀୟ ।